# ଉପଖଣ୍ଡସ୍ତରୀୟ ୩ ଦିନିଆ କୃଷି ଯନ୍ତ୍ରପାତି ମେଳା



ଚମ୍ପୁଆ,୧୧।୨(ସମିସ): ଚମ୍ପୁଆ କୃଷି ଜିଲ୍ଲା ପକ୍ଷରୁ ପଞ୍ଚାୟତସମିତି ପଡ଼ିଆଠାରେ ତିନିଦିନିଆ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଶୁଭାରମ୍ଭ ହୋଇଯାଇଛି। ଏହି ମେଳାକୁ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଶିଶୁମନ୍ଦିରର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ନିର୍ବାହୀଯନ୍ତ୍ରୀ, କୃଷି କାର୍ଯ୍ୟାଳୟ ବଳରାମ ଶର୍ମା, ସାଂସଦ ପ୍ରତିନିଧି ସିଦ୍ଧାର୍ଥ ସିଂ, ଚମ୍ପୁଆ ବିଧାୟକ ପ୍ରତିନିଧି ସଂଜୀବ ବେହେରା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଚମ୍ପୁଆ କୃଷି ଜିଲ୍ଲା ଅଧିକାରୀ ସତ୍ୟବାନ ସୋରେନ, ଚମ୍ପୁଆ ବ୍ଲକ ଅଧ୍ୟକ୍ଷ ସୁରେଶଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ସଭ୍ୟା ରମଣୀ ନାଏକ ଏବଂ ମୁଖ୍ୟବକ୍ତା ଭାବେ ବରିଷ୍ଠ କୃଷି ବୈଜ୍ଞାନିକ ନିଗମାନନ୍ଦ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଶ୍ରମିକ ଅଭାବରୁ କୃଷକ ପାରମ୍ପରିକ କୃଷି ପଦ୍ଧତି ଛାଡ଼ି ଆଧୁନିକ ଯନ୍ତ୍ରପାତି ବ୍ୟବହାର କରି ଅଧିକ ଉତ୍ପାଦନ ସହ ନିଜକୁ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିପାରିଛି ବୋଲି କହିଥିଲେ। ଏହି ମେଳାରେ ଚମ୍ପୁଆ, ଝୁମ୍ପୁରା ଓ ଯୋଡ଼ା ବ୍ଲକର ଶତାଧିକ ଚାଷୀ ଯୋଗ ଦେଇଥିଲେ। ୪୦ଟି ଷ୍ଟଲ ଖୋଲାଯାଇଛି। କୃଷି ଯନ୍ତ୍ରପାତିଗୁଡିକ ୪୦/୫୦ ପ୍ରତିଶତ ସରକାରୀ ରିଆତିରେ ଚାଷୀଙ୍କୁ ଯୋଗାଇ ଦିଆଯିବ ବୋଲି ଅଧିକାରୀମାନେ କହିଥିଲେ। ୩ଟି ବ୍ଲକର ଅଗ୍ରଣୀ ଚାଷୀଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଆନନ୍ଦପୁର କୃଷି ଜିଲ୍ଲା ଅଧିକାରୀ ନୀଳମାଧବ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ଦକ୍ଷତା ବିକାଶ ମିଶନ୍‌ର ଦ୍ୱିତୀୟ ବୈଠକ

# ନିଯୁକ୍ତି ଓ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ



କେନ୍ଦୁଝର, ୧୧।୨(ସମିସ): କେନ୍ଦୁଝରେ ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ୨୦୨୫-୨୬ ଆର୍ଥିକବର୍ଷର ଦ୍ୱିତୀୟ ଜିଲ୍ଲା ଦକ୍ଷତା ବିକାଶ ମିଶନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଯୁବକଯୁବତୀମାନଙ୍କ ଦକ୍ଷତା ବିକାଶ ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। "ନୂଆ ଓଡ଼ିଶା' ଓ ପ୍ଲେସମେଣ୍ଟ ଲିଙ୍କଡ୍ ଟ୍ରେନିଂ ପ୍ରୋଗ୍ରାମ୍ କାର୍ଯ୍ୟକ୍ରମ ଜରିଆରେ ଜିଲ୍ଲାର ୧୩ଟି ବ୍ଲକରେ ଚାଲୁଥିବା ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମର ସମୀକ୍ଷା କରାଯିବା ସହ ଏହାର ସଫଳ ରୂପାୟନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା-୨୦୨୫-୨୬ ଓଏସଏମଇ କ୍ୟାମ୍ପସରେ ଏକ ବିଶାଳ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିରେ ପ୍ରାୟ ୬୦ ଜଣ ସିଧାସଳଖ ନିଯୁକ୍ତିଦାତା ଏବଂ ବିଭିନ୍ନ ଶିଳ୍ପ ସଂସ୍ଥା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲାର ୬୦୦ ଯୁବକଯୁବତୀଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଯୁକ୍ତିଭିତ୍ତିକ ତାଲିମ ପ୍ରଦାନ କରାଯିବ। ଡିଏମଏଫ ସହାୟତାରେ ସିଟିଟିସି, ସିପେଟ ଏବଂ ଆଇଏଚଏମ ଭଳି ପ୍ରତିଷ୍ଠାନ ମାଧ୍ୟମରେ ଚାଲୁଥିବା ତାଲିମ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି। ପଛୁଆ ବର୍ଗ ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ପ୍ରକଳ୍ପ ପିଭିଟିଜି ଗୋଷ୍ଠୀ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ସ୍ୱତନ୍ତ୍ର ଦକ୍ଷତା ବିକାଶ ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ମଡେଲ କ୍ୟାରିୟର ସେଣ୍ଟରର କାର୍ଯ୍ୟକାରିତା, ତେଲକୋଇଠାରେ ଦକ୍ଷତା ବିକାଶ କେନ୍ଦ୍ର ନିର୍ମାଣ ଏବଂ ଜିଲ୍ଲାରେ ୫ଟି ନୂତନ ସରକାରୀ ଆଇଟିଆଇ ପ୍ରତିଷ୍ଠା ନେଇ ଆଲୋଚନା ହୋଇଥିଲା। ଏଥିସହିତ ବିଭିନ୍ନ ବ୍ଲକରେ ସଚେତନତା ଶିବିର ଆୟୋଜନ କରି ପ୍ରତି ବ୍ଲକରୁ ୧୫୦ ଜଣ ପ୍ରାର୍ଥୀଙ୍କୁ ଚୟନ କରିବା ପାଇଁ ବିଭିନ୍ନ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣଙ୍କ ସମେତ ଜିଲ୍ଲାର ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ, ଶିଳ୍ପ ସଂସ୍ଥାର ପ୍ରତିନିଧି ଏବଂ ତାଲିମ ପ୍ରଦାନକାରୀ ସଂସ୍ଥାର ମୁଖ୍ୟମାନେ ଉପସ୍ଥିତ ଥିଲେ।

# ବାଇକ୍ ଧକ୍କାରେ ମହିଳା ମୃତ

କେନ୍ଦୁଝର,୧୧।୨(ସମିସ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ପୁଟୁଳିଆ କ୍ରସିଙ୍ଗ ନିକଟରେ (ଓଡ଼ି-୧୧-ଏ-କେ-୧୧୬୩) ବାଇକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝୁମ୍ପୁରା ବ୍ଲକ ମଲଦା ଗ୍ରାମର ଧୁଳିଆ ବାରିକଙ୍କ ସ୍ତ୍ରୀ ଆରତୀ (୫୩)। ପୁଟୁଳିଆ ଭଡ଼ାଘରେ ଦୁଇପୁଅ ଏବଂ ସ୍ୱାମୀଙ୍କ ସହ ଆରତୀ ରହୁଥିଲେ। ସେ ଅପରାହ୍ନ ସାଢେ ୧ଟା ବେଳେ ରାସ୍ତା ଅତିକ୍ରମ କରୁଥିବା ବେଳେ ଦ୍ରୁତଗତିରେ ଝୁମ୍ପୁରା ଅଭିମୁଖେ ଯାଉଥିବା ବାସୁଦେବପୁର ଗ୍ରାମର ବାଇକ୍ ଆରୋହୀ ସିପୁନ ନାଏକ ଆରତୀଙ୍କୁ ଧକ୍କା ଦେଇଥିଲେ। ସଦର ଏଏସ୍‌ଆଇ ସତ୍ୟଜିତ ନାୟକ ସଦଳବଳେ ଦୁର୍ଘଟଣା ଘଟାଇଥିବା ବାଇକ୍ ଜବତ କରିଥିଲେ। କେନ୍ଦୁଝର ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଆରୋହୀ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି।

# ଜିଲ୍ଲା ଆଇନସେବା ପ୍ରାଧିକରଣର ସଚେତନତା




କେନ୍ଦୁଝର, ୧୧।୨(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆୟୋଜନରେ ସଦର ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବୋଦାପଳଶାଠାରେ ସଡକ ସୁରକ୍ଷା, ମଟରଯାନ ଦୁର୍ଘଟଣା, ମଟର ବୀମା, ବାଲ୍ୟବିବାହ ମୁକ୍ତ ଭାରତ ଗଠନ, କର୍ମକ୍ଷେତ୍ରରେ ମହିଳା ଯୌନ ଶୋଷଣର ଶିକାର, ଶିଶୁ ଯୌନ ସୁରକ୍ଷା, ସ୍ଥାୟୀ ଲୋକ ଅଦାଲତ ସମ୍ବନ୍ଧୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଗୋପାଳଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ବାଲ୍ୟବିବାହ ମୁକ୍ତ ଭାରତ ଗଠନ ଉପରେ ୧୦୦ ଦିନିଆ କାର୍ଯ୍ୟକ୍ରମର ବାସ୍ତବ ରୂପ ପ୍ରଦାନ କରି ପୋକ୍ସୋ, ପୋସ୍ ଆଇନ ଓ ସ୍ଥାୟୀ ଲୋକ ଅଦାଲତର କାର୍ଯ୍ୟାବଳୀ ବର୍ଣ୍ଣନା କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ ସଡକ ସୁରକ୍ଷା, ମଟରଯାନ ଦୁର୍ଘଟଣା ଓ କ୍ଷତିପୂରଣ ତଥା ବିଭିନ୍ନ ଯାନ ଚଳାଇବାର ନିୟମ ଉପରେ ବିବରଣୀ ପ୍ରଦାନ କରିଥିଲେ। ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ସ୍ୱାଗତ ଅଭିଭାଷଣ, ପ୍ରାଧିକରଣର ମୁଖ୍ୟ କାର୍ଯ୍ୟାବଳୀ, ପୀଡିତା କ୍ଷତିପୂରଣ, ମାଗଣା ଆଇନସେବା ପ୍ରଦାନ, ପରିବାର ପରାମର୍ଶ କେନ୍ଦ୍ରର କାର୍ଯ୍ୟାବଳୀ ବର୍ଣ୍ଣନା କରି ସଭାରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ତୁଷାରପ୍ରଭା ମହାନ୍ତ, ଶିକ୍ଷକ ଅମରେନ୍ଦ୍ର ମହାରଣା, ରଞ୍ଜିତ ସିଂ, ଜୀବନେନ୍ଦୁ ମହାପାତ୍ର, ହୀତୁମ ମୁର୍ମୁ, ମୀନା ପାତ୍ର, ଇସ୍ମିତା ମହାନ୍ତ, ଦୀପିକା ମହାନ୍ତ, ମିତାରାଣୀ ମହାନ୍ତ, ସ୍ୱାଗତିକା ମହାନ୍ତ, ଦୀପାରାଣୀ ମହାନ୍ତ, ଋତୁପର୍ଣ୍ଣା ସାହୁ ଏବଂ ଓରିଏଣ୍ଟାଲ ବୀମା କମ୍ପାନୀର ରାବଣ ନାୟକ ଅଂଶଗ୍ରହଣ କରିଥିବାବେଳେ ବିଦ୍ୟାଳୟର ଛାତ୍ରୀ ପ୍ରତ୍ୟୁଷା ପ୍ରିୟଦର୍ଶିନୀ ବଳ ଧନ୍ୟବାଦ ଦେଇଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ୨୦ ଜଣରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

# ଶାମୁକାନେଣ୍ଡିରେ ବିଜେପିର ବୈଠକ

ଆନନ୍ଦପୁର, ୧୧।୨ (ସମିସ): ଘସିପୁରା ବ୍ଲକ ଶାମୁକାନେଣ୍ଡି ପଞ୍ଚାୟତ ବିଜେପିର ଏକ ବୈଠକ ସ୍ଥାନୀୟ ଆମ୍ବତୋଟାରେ ଅନୁଷ୍ଠିତ ହୋଇଯାଇଛି। ବୁଥ୍ ସଭାପତି ଜଟ ପୁର୍ତ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବୁଥ୍ ସଭାପତି ଗୋବର୍ଦ୍ଧନ ନାୟକ, ଭଜୁ ଦେହୁରୀ ପ୍ରମୁଖ ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ଏକଜୁଟ ହେବାକୁ ପରାମର୍ଶ ଦେଇଥିଲେ। ବିଶେଷ କରି ବିଜେପି ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ଆଲୋଚନା ହୋଇଥିଲା। ସୁଦର୍ଶନ ତିରିଆ, ରଘୁନାଥ ଚାତାର, ବାଇଧର ଗୁଇଆ, ଜୟରାମ ପିଙ୍ଗୁଆ, ବୀର ସିଂ ସିଦୁ, କୁସୁନୁ ପିଙ୍ଗୁଆ, କଳାକର ନାୟକ, ବିପିନି ଦଣ୍ଡପାଟ, ଅନାମ ନାହାକ, ଲଟୁ ନାହାକ, ନିରଞ୍ଜନ ନାହାକ ପ୍ରମୁଖ ଯୋଗ ଦେଇଥିଲେ।

# ବୈତରଣୀ ସାହିତ୍ୟ ସମ୍ମାନ ଘୋଷିତ



ଆନନ୍ଦପୁର, ୧୧।୨ (ସମିସ): ଓଡ଼ିଶା ସାହିତ୍ୟ ଏକାଡ଼େମୀ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ପାଠଚକ୍ର ତଥା "ଦ୍ୱିତୀୟ ବୈତରଣୀ ସାହିତ୍ୟ ଉତ୍ସବ -୨୦୨୬' ଚଳିତ ବର୍ଷ ଫେବୃଆରୀ ମାସ ୧୪ ତାରିଖ ଶନିବାର ଫକୀରପୁରସ୍ଥିତ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ସଭାଗୃହରେ ଅନୁଷ୍ଠିତ ହେବ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ସାହିତ୍ୟିକ, ସଂସ୍କୃତିପ୍ରେମୀ, କବି, ଗବେଷକ ଆଦି ଯୋଗଦେବାର କାର୍ଯ୍ୟକ୍ରମ ଅଛି। ଏହି ଅବସରରେ ସାହିତ୍ୟ ସାଧନାକୁ ନେଇ ରାଜ୍ୟର ବିଭିନ୍ନ ପ୍ରତିଷ୍ଠିତ ଲେଖକଙ୍କୁ "ବୈତରଣୀ ସାହିତ୍ୟ ସମ୍ମାନ' କରାଯିବାର କାର୍ଯ୍ୟକ୍ରମ ଥିବାବେଳେ ଆଜି ଆୟୋଜକଙ୍କ ତରଫରୁ ଏହି ପୁରସ୍କାର ଘୋଷଣା କରାଯାଇଛି। ଓଡ଼ିଶାର ବିଶିଷ୍ଟ କବୟିତ୍ରୀ ନିରୁପମା ବେହେରାଙ୍କୁ "ବୈତରଣୀ କବିତା ସମ୍ମାନ -୨୦୨୬', ଡ଼ଃ ପ୍ରଭାତ କୁମାର ସାହୁଙ୍କୁ "ବୈତରଣୀ ପ୍ରବନ୍ଧ ସମ୍ମାନ-୨୦୨୬' ଏବଂ ଯୋଗେଶ୍ୱର ପଣ୍ଡାଙ୍କୁ "ବୈତରଣୀ ଗଳ୍ପ ସମ୍ମାନ-୨୦୨୬' ପ୍ରଦାନ କରାଯିବା ପାଇଁ ଅଯୋଜକଙ୍କ ତରଫରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

# ବନାଗ୍ନି ନିବାରଣ ସଚେତନତା

ତୁରୁମୁଙ୍ଗା, ୧୧।୨(ସମିସ): ଖରା ଆରମ୍ଭ ନହେଉଣୁ ପାଟଣା ରେଞ୍ଜରେ ନିଆଁର ଆଁ ଭିତରେ ଏବେ ବିଭିନ୍ନ ଜଙ୍ଗଲ ସହ ଗ୍ରାମ୍ୟ ଜଙ୍ଗଲ ଜଳୁଛି। ବନାଗ୍ନି ନିରାକାରଣ ପାଇଁ ବୁଧବାର ପାଟଣା ରେଞ୍ଜ ତଣ୍ଡ ବିଟ ବଣମହୁଲଡିହା ଗ୍ରାମରେ ରାଲି କରି ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିରେ ବଣ ମହୁଲଡିହା ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ସମେତ ସ୍ୱୟଂ ସହାୟିକାଗୋଷ୍ଠୀର ମହିଳା, ବନ ସୁରକ୍ଷା ସମିତି କର୍ମକର୍ତ୍ତା, ପାଟଣା ବନପାଳ ନିରଞ୍ଜନ ସେଠୀ, ତଣ୍ଡ ବିଟ ବନରକ୍ଷୀ ଦୀପକ ସ୍ୱାଇଁ, ବଣମହୁଲଡିହା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଳିନ୍ଦ୍ର ମହାନ୍ତ, ବଣମହୁଲଡିହା ବନ ସୁରକ୍ଷା ସମିତିର ସଭାପତି ପରୀକ୍ଷିତ ମହାନ୍ତଙ୍କ ସହ ଶତାଧିକ ଲୋକ ସାମିଲ ହୋଇଥିଲେ।

# ବାରିଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଆନନ୍ଦପୁର,୧୧।୨(ସମିସ):ଆନନ୍ଦପୁର ବ୍ଲକ ବାଇଲୋ ବାରିଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସ୍ପନ୍ଦନ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମଲତା ପେରେଇଙ୍କ ଆବାହକତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବାଇଲୋ ସରପଞ୍ଚ କଳ୍ପନା ଜେନା, ମୁଖ୍ୟବକ୍ତା ଭାବେ ନାରାୟଣଚନ୍ଦ୍ର ସାହୁ ଓ ସମ୍ମାନିତ ଅତିଥି ଭାବେ ବାଇଲୋ ହାଇସ୍କୁଲ ପ୍ରଧାନଶିକ୍ଷକ ସତ୍ୟନାରାୟଣ ଚାନ୍ଦ, ସ୍କୁଲ୍ ପରିଚାଳନା ସମିତି ଅଧ୍ୟକ୍ଷ ମଞ୍ଜୁଲତା ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟଙ୍କ ସମେତ ଶିକ୍ଷକ ବ୍ରହ୍ମାନନ୍ଦ ଜେନା, ଯୁଧିଷ୍ଠିର ଜେନା, ବାଳକୃଷ୍ଣ ପଣ୍ଡା, ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ଦେବୀ, ଦୀପ୍ତିମଞ୍ଜରୀ କୁଅଁର, ସାଗରିକା ପହି ପ୍ରମୁଖ ସହଯୋଗ କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରଭାତୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିବି-ଜୀ ରାମ-ଜୀ ଯୋଜନାର କର୍ମଶାଳା

କେନ୍ଦୁଝର,୧୧।୨(ସମିସ): କେନ୍ଦୁଝର ଜିଲ୍ଲାରେ ବିକଶିତ ଭାରତ ଆଜୀବିକା ମିଶନ (ଗ୍ରାମୀଣ) ନିମନ୍ତେ ଗ୍ୟାରେଣ୍ଟି (ଭିବି-ଜୀ ରାମ-ଜୀ ଅଧିନିୟମ-୨୦୨୫)ର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ଏକ କର୍ମଶାଳା କେନ୍ଦୁଝର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଯୁଗ୍ମ ସଚିବ ଗାୟତ୍ରୀଦତ୍ତ ନାୟକ ପରିଚାଳନା କରିଥିଲେ। ଏବେ ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ନିମନ୍ତେ ଗ୍ୟାରେଣ୍ଟି ଯୋଜନା ଦ୍ୱାରା ସ୍ଥାୟୀ, ଉତ୍ପାଦନକ୍ଷମ ଏବଂ ଜୀବିକା ବୃଦ୍ଧିକାରୀ ସମ୍ପତ୍ତି ଉପରେ ଗୁରୁତ୍ୱ ଦିଆଯିବ। ଏହି ଯୋଜନାରେ କାର୍ଯ୍ୟର ସ୍ୱଚ୍ଛତା ପାଇଁ ଅଧିକ ଶକ୍ତିଶାଳୀ ବ୍ୟବସ୍ଥା କରାଯାଇଛି। ସେହିପରି ଭିତ୍ତିଭୂମି, ଜଳବାୟୁ ଏବଂ ଜୀବିକା ସମ୍ବନ୍ଧିତ ବ୍ୟବସ୍ଥିତ ଉପରେ ସମନ୍ୱୟ ଏବଂ ଗ୍ରାମୀଣ କାର୍ଯ୍ୟରେ ଜଳବାୟୁ ଅନୁକୂଳତା ଏବଂ ସ୍ଥିରତା ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲାସ୍ତରୀୟ କର୍ମଶାଳା ମାଧ୍ୟମରେ ବ୍ଲକ ଉନ୍ନୟନ ଅଧିକାରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ ଅତିରିକ୍ତ ପ୍ରକଳ୍ପ ଅଧିକାରୀମାନଙ୍କୁ ଅଭିଯାନ ସମ୍ପର୍କରେ ସୂଚନା ଓ ଦାୟିତ୍ୱ ପ୍ରଦାନ କରିବା ଏହାର ଏକ ପ୍ରମୁଖ କାର୍ଯ୍ୟ ବୋଲି ଶ୍ରୀ ନାୟକ କହିଥିଲେ। ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଶୁଭଦର୍ଶୀ ଯୋଶୀ, ପିଏ, ଆଇଟିଡିଏ ଶିବଶଙ୍କର ମିଶ୍ର, ପ୍ରୋଗ୍ରାମ ମ୍ୟାନେଜର ଶୋଭନ କୁମାର ଧଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ମଲଣ୍ଡାରେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର




ତେଲକୋଇ, ୧୧।୨(ସମିସ): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡିଶା ସରକାରଙ୍କ କେନ୍ଦୁପତ୍ର ସଂସ୍ଥା ତଥା ଏସବିଆଇ ଫାଉଣ୍ଡେସନ ଏବଂ କିଓର ବେ'ର ମିଳିତ ପ୍ରୟାସରେ କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡ ଅଧୀନସ୍ଥ ଆକୁଳ ବନାଞ୍ଚଳର ମଲଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଏକ ବିଶାଳ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ଏଚଡି ଧନରାଜ, ସମ୍ମାନିତ ଅତିଥି ଭାବେ ଏସିଏଫ ସ୍ୱାଗତିକା ସାହୁ, ଶିବାଜୀ ମୋହନ ରାଓ, କେନ୍ଦୁଝର ସାଂସଦଙ୍କ ତେଲକୋଇ ବ୍ଲକ ପ୍ରତିନିଧି ହରିହର ପ୍ରଧାନ, ବିଧାୟକଙ୍କ ତେଲକୋଇ ବ୍ଲକ ପ୍ରତିନିଧି ପଦ୍ମଲୋଚନ ସାହୁ, ଆକୁଳ ସରପଞ୍ଚ କୁଳମଣି ଫୁଦୁକାର ତଥା କ୍ୟାମ୍ପ ପ୍ରବନ୍ଧକ ସୁଜିତ ମଙ୍ଗଲ ଯୋଗ ଦେଇଥିଲେ। ଡାକ୍ତର ଦେବବ୍ରତ ଉପାଧ୍ୟାୟ ଓ ଡାକ୍ତର ମନମୋହନ ବେହେରା ମଲଣ୍ଡା, ବନ୍ଧନଝରୀ, ଆକୁଳ, କାନ୍ତଲସୁଆଁ, ପଡାଙ୍ଗ, ଗୋପୀନାଥପୁର ଆଦି ଗ୍ରାମର ୨୧୦ ଜଣ ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଆକୁଳ କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ଡିଲେଶ୍ୱର ନାୟକ ଏବଂ ସହକର୍ମୀବୃନ୍ଦ ସହଯୋଗ କରିଥିଲେ। ତେଲକୋଇ କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ମନୋରଞ୍ଜନ ସେନାପତି ମଞ୍ଚ ପରିଚାଳନା କରିଥିଲେ। ମଲଣ୍ଡା ଭଳି ଦୁର୍ଗମ ଅଞ୍ଚଳରେ ମାଗଣା ସ୍ୱାସ୍ଥ୍ୟସେବା ପହଞ୍ଚି ପାରିଥିବାରୁ ସାଧାରଣରେ କେନ୍ଦୁପତ୍ର ସଂସ୍ଥା ପ୍ରତି ଲୋକଙ୍କର ଆସ୍ଥା ବଢ଼ିବାରେ ଲାଗିଛି। ଆସନ୍ତା ୧୨, ୧୩, ୧୪ ଏବଂ ୧୫ ତାରିଖରେ ଆକୁଳ କେନ୍ଦୁପତ୍ର ବନାଞ୍ଚଳର କଲଙ୍ଗାପାଳ, କୋଇଲି ସୂତା, ବାଲେଶ୍ୱର ଓ ନୁଆସାହିଠାରେ ଏବଂ ୧୭, ୧୮, ୧୯, ୨୦ ଏବଂ ୨୧ ତାରିଖରେ ତେଲକୋଇ କେନ୍ଦୁପତ୍ର ବନାଞ୍ଚଳର ହଳଦୀପାଣି, ଜନସନପୁର, ଟୁଂଗୁରୁବାହାଳ, ଜେନାଦର ଓ ଇମିରି ଗ୍ରାମରେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

# ରକ୍ତଦାନ ଶିବିର: ୨୫ ୟୁନିଟ୍ ସଂଗ୍ରହ




ତୁରୁମୁଙ୍ଗା, ୧୧।୨(ସମିସ): ପାଟଣା ବ୍ଲକ ତୁରୁମୁଙ୍ଗାର ଗୋପବନ୍ଧୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବୁଧବାର ବିଦ୍ୟା ବାଟିକାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବରେ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ମୋଟ ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଗୋପବନ୍ଧୁ ଚାରିଟେବୁଲ ଟ୍ରଷ୍ଟ ସଭାପତି ଗୋପୀନାଥ ସାହୁ, ସମ୍ପାଦକ ରମେଶଚନ୍ଦ୍ର ନାଏକ, ବଳଭଦ୍ର ନାଏକ, ପ୍ରଦୀପ୍ତ ସାହୁ, ସଞ୍ଜୟ ସାହୁ ଭକ୍ତବନ୍ଧୁ ବେହେରା ହିମାଂଶୁ ଶେଖର ପାତ୍ରଙ୍କ ସମେତ ଶ୍ରୀ ବିଦ୍ୟା ବାଟିକା ତୁରୁମୁଙ୍ଗାର ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ତୁରୁମୁଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ସୁବାସଚନ୍ଦ୍ର କର, ବ୍ଲଡବ୍ୟାଙ୍କ କେନ୍ଦୁଝରର ଅକ୍ଷୟ ସାହୁ, ଅନୀଲ ପାତ୍ର, ଶରତ ନାଏକ, ତପନ ନାଏକ ରକ୍ତ ସଂଗ୍ରହ କରିଥିଲେ।

# ୧୧ତମ ଯୋଡ଼ା ପଞ୍ଚାୟତ ସମିତି ବୈଠକ




ଯୋଡ଼ା, ୧୧।୨(ସମିସ): ଯୋଡ଼ା ବ୍ଲକ ସଭାଗୃହରେ ବୁଧବାର ୧୧ତମ ପଞ୍ଚାୟତସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତସମିତି ଅଧ୍ୟକ୍ଷ କବିନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡ଼ିଓ ଡାନିସ ବେହେରା, ଯୋଡ଼ା ବ୍ଲକ ସାଂସଦ ପ୍ରତିନିଧି ପୂର୍ଣଚନ୍ଦ୍ର ନାଏକ, ବ୍ଲକ ମୁଖ୍ୟ ଯନ୍ତ୍ରୀ, ଏବଂ ୧୯ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ଜିଲ୍ଲା ପରିଷଦ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଅନୁସୂଚିତ ଜାତି ଓ ଜନଜାତି ସମାଜର ଉନ୍ନୟନ ବିକାଶ, ଶିଶୁ ବିକାଶ ଯୋଜନା, ସୁଭଦ୍ରା ଯୋଜନା, ସାଧାରଣ ସାମଗ୍ରୀ ବଣ୍ଟନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଜଙ୍ଗଲ ଓ ପରିବେଶ କୃଷି, ଗ୍ରାମ ଉନ୍ନୟନ ଏବଂ ବିଦ୍ୟୁତ ଯୋଗାଣ ବିଭାଗ ସମ୍ବନ୍ଧରେ ବିଶେଷ ଭାବେ ଆଲୋଚନା ହୋଇଥିଲା। ମୁଖ୍ୟତଃ କାଟେସହି ଏବଂ କୋହ୍ଲ ରୋଇଡା ସ୍କୁଲର ଶିକ୍ଷକ ସମସ୍ୟା, ସେରେଣ୍ଡା ବିଦ୍ୟାଳୟରେ ଷ୍ଟାଫ ସମସ୍ୟା ଏବଂ କୋହ୍ଲବପଦା ସ୍କୁଲରେ ମହିଳା ଶିକ୍ଷକ ନେଇ ଲୋଇଡ଼ାପଦା ସରପଞ୍ଚ ବିଳାସିନୀ ଓରାମ, ସେରେଣ୍ଡା ସରପଞ୍ଚ ସସ୍ମିତା ସିଧୁ ଏବଂ ସମିତିସଭ୍ୟ ଇଶ୍ୱର ଗିରି ଦୃଷ୍ଟି ଆକର୍ଷଣ କରିଥିଲେ। କିଛି ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟଗୁଡିକ ସମୟ ସୀମାରେ କିପରି ସମ୍ପୂର୍ଣ୍ଣ ହେବ ସେନେଇ ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ ସମୀକ୍ଷା କରିଥିଲେ।

# ରାଧାକୃଷ୍ଣ ୟୁଥ୍ କ୍ଲବ୍ କ୍ରିକେଟ: ଭାଟୁଣିଆଁ ଚାମ୍ପିଅନ



କେନ୍ଦୁଝର,୧୧।୨(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ବନାଯୋଡ଼ି ରାଧାକୃଷ୍ଣ ୟୁଥ୍ କ୍ଲବ ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଭାଟୁଣିଆଁ ଏବଂ ବନାଯୋଡି ମଧ୍ୟରେ ପ୍ରଥମେ ବନାଯୋଡିକୁ ୪ ୱିକେଟ୍‌ରେ ହରାଇ ଭାଟୁଣିଆଁ ଚାମ୍ପିଅନ ହୋଇଛି। ଅମ୍ପାୟାର ସରୋଜ ଆପଟ୍ଟ ଓ ସୁନିଲ ଦେହୁରୀ ଖେଳ ପରିଚାଳନା କରିଥିଲେ। ଆଶିଷ ଦେହୁରୀ, ସତ୍ୟଜିତ ବେହେରା, ସୌମ୍ୟରଞ୍ଜନ ମହାନ୍ତ ସ୍କୋରର ଥିଲେ। ସୁଶାନ୍ତ ବାରିକ, ନାଗେଶ୍ୱର ବାରିକ, ସଞ୍ଜୟ ଦଣ୍ଡସେନା ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେପି ଉପସଭାପତି ବିବେକାନନ୍ଦ ମହାନ୍ତ, ରାଇସୁଆଁ ମଣ୍ଡଳ ସଭାପତି ସମିର ସାହୁ, ପୂର୍ବତନ ଉପସଭାପତି ଗଣେଶ୍ୱର ମହାନ୍ତ, ମୋହିଳା ମୋର୍ଚ୍ଚା ଉପସଭାପତି ଗୀତାଞ୍ଜଳି ମହାନ୍ତ, ସଦର ବ୍ଲକ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଧନୁର୍ଜୟ ମହାନ୍ତ, ସମାଜସେବୀ ରବିନ୍ଦ୍ର ଫୈଂଜି, ସରପଞ୍ଚ ଚପଳା ସାମଲ ଯୋଗ ଦେଇଥିଲେ। କ୍ଲବ ସଭାପତି ରାମଚନ୍ଦ୍ର ଦେହୁରୀ, ସମ୍ପାଦକ ଅଭୟ ବେହେରା, ସଦସ୍ୟ ଦେବାନନ୍ଦ ଦେହୁରୀ, ପୂର୍ଣ୍ଣଚନ୍ଦ୍ର ବାରିକ, କଳାକର ଦେହୁରୀ, ରାଜକୁମାର ଦେହୁରୀ, ରଞ୍ଜିତ ଦେହୁରୀ, ସଞ୍ଜୟ ଦଣ୍ଡସେନା, ଦୁଷ୍ମନ୍ତ ନାଏକ, ଆଶିଷ ବେହେରା, ଗଣେଶ ବେହେରା, ଦେବାନନ୍ଦ ପାତ୍ର ସହଯୋଗ କରିଥିଲେ।

# ଡକାୟତି ଉଦ୍ୟମବେଳେ ଜଣକୁ କାବୁ କରି ପୁଲିସ ଜିମା ଦେଲେ

ବୈଶିଙ୍ଗା, ୧୧।୨(ସମିସ): ଡକାୟତି ଉଦ୍ୟମ କରୁଥିବାବେଳେ ଜଣଙ୍କୁ କାବୁ କରି ଲୋକେ ଧୁମ ଛେଚିବା ସହ ପୁଲିସ ଜିମା ଦେଇଥିବା ଜଣାପଡ଼ିଛି। ବୈଶିଙ୍ଗା ଥାନା ଅଧୀନ ଖୁଣ୍ଟାପୁର ଗ୍ରାମର ସଂସ୍କୃତ ଶିକ୍ଷକ ଚିନ୍ମୟ କୁମାର ମିଶ୍ର ମଙ୍ଗଳବାର ସନ୍ଧ୍ୟାରେ ଘରେ ଏକୁଟିଆ ଥିବାବେଳେ ବିଭିନ୍ନ ମାରଣାସ୍ତ୍ରରେ ସଜ୍ଜିତ ୫ରୁ ୭ଜଣ ଦୁର୍ବୃତ୍ତ ହଠାତ୍ ତାଙ୍କ ଘର କବାଟ ବାଡ଼େଇ ତାଙ୍କ ପୁଅଙ୍କ ନାମ ଧରି ଡାକିଥିଲେ। ଚିନ୍ମୟ ଘର କବାଟ ଖୋଲିବା ପରେ କିଛି ବୁଝିବା ପୂର୍ବରୁ ସେମାନେ ଅତର୍କିତ ଆକ୍ରମଣ କରି ମୁହଁକୁ ଘୋଡ଼େଇ ତାଙ୍କୁ ପିଟିଥିଲେ। ଏଥିସହିତ ମାରଣାସ୍ତ୍ରରେ ଆକ୍ରମଣ କରି ଘରୁ ଲୁଟ୍‌ତରାଜ କରିଥିଲେ। ତେବେ ଶିକ୍ଷକଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ଗାଁ ଲୋକ ଆସିବା ପରେ ଡକାୟତମାନେ ଦୌଡ଼ି ପଳାଇଥିଲେ। ତେବେ ସେମାନଙ୍କ ମଧ୍ୟରୁ ଜଣେ ଲୋକଙ୍କ ହାବୁଡ଼ରେ ପଡ଼ିଯାଇଥିଲା। ଲୋକେ ତାକୁ ନିର୍ଦ୍ଧୁମ ଛେଚିବ ସହ ପୁଲିସକୁ ଖବର ଦେଇଥିଲେ। ବୈଶିଙ୍ଗା ପୁଲିସ ଘଟଣା ସ୍ଥଳରେ ପହଞ୍ଚିବା ପରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଲୋକମାନେ ବୈଶିଙ୍ଗା ପୁଲିସ ହାତରେ ଡକାୟତକୁ ଟେକିଦେବାକୁ ସିଧାସିଧା ମନା କରିଥିଲେ। କହିଥିଲେ ଯେ ବୈଶିଙ୍ଗା ପୁଲିସ ଉପରେ ତାଙ୍କର ଭରସା ନାହିଁ। ପରେ ଘଟଣା ସ୍ଥଳରେ ପ୍ରବଳ ଉତ୍ତେଜନା ସୃଷ୍ଟି ହେବା ସହିତ ବୈଶିଙ୍ଗା ପୁଲିସ ଗାଡ଼ିକୁ ଲୋକେ ଘେରି ଅସନ୍ତୋଷ ଝାଡ଼ିଥିଲେ। ସୂଚନା ପାଇ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ, ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ ଏକ ପ୍ଲାଟୁନ ପୁଲିସ ସହିତ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହିତ ଏହି ଡକାୟତିରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କାରାଯିବା ନେଇ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଘଟଣା ସ୍ଥଳରୁ ଗିରଫ ଅଭିଯୁକ୍ତକୁ ନେଇ ବୈଶିଙ୍ଗା ଥାନା ପୁଲିସ ନେଇଯାଇଥିଲା। ବିଗତ ଏକ ମାସ ମଧ୍ୟରେ ଏହିଭଳି ସମାନ ଘଟଣା ୬ରୁ ଅଧିକ ଥର ଘଟିଥିବାବେଳେ ପୁଲିସର ହାତ ଆଜି ପର୍ଯ୍ୟନ୍ତ ଖାଲି ଥିଲା। ଯାହାକୁ ନେଇ ଆଜି ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲା ବୈଶିଙ୍ଗା ପୁଲିସ।

# ନାବାଳିକା ଅପହରଣ ଅଭିଯୋଗ

କୁଆମରା ୧୧।୨(ସମିସ): ଖୁଣ୍ଟା ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକା ଅପହରଣ ହୋଇଥିବା ନେଇ କୁଆମରା ଫାଣ୍ଡିରେ ଅଭିଯୋଗ ହୋଇଛି। ନୀଳଗିରି ଥାନା ଅଞ୍ଚଳର ଜଣେ ୨୧ ବର୍ଷୀୟ ଯୁବକ ତାଙ୍କୁ ଅପହରଣ କରିଥିବା ନେଇ ପୀଡ଼ିତାଙ୍କ ବାପା ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଛି।

# ନିଜ ବନ୍ଧୁକରୁ ଗୁଳି ଫୁଟି ଆହତ ଯୁବକଙ୍କ ମୃତ୍ୟୁ

ମହୁଲଡିହା, ୧୧।୨(ସମିସ): ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଦାନୁଆ ବାଲିପୋଷି ଗ୍ରାମର ସନ୍ତୋଷ ମହାନ୍ତ(୪୦)ଙ୍କୁ ୬ ତାରିଖ ସକାଳୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଠାକୁରମୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଥିଲା। କଟକ ବଡ଼ ଡାକ୍ତରଖାନାରେ ସନ୍ତୋଷ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିବା ଜଣାପଡ଼ିଛି। ଭରାଣ୍ଡିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦାନୁଆ ବାଲିପୋଷି ଗ୍ରାମର ମିଠୁଆ ମହାନ୍ତଙ୍କ ପୁଅ ସନ୍ତୋଷ (୪୦) ଘରେ ବନ୍ଧୁକ ରଖି ମଝିରେ ମଝିରେ ଜଙ୍ଗଲ ଯାଇ ଶିକାର କରିଥାନ୍ତି। ଗତ ୫ ତାରିଖ ରାତିରେ ସନ୍ତୋଷ ଦିରିବ ଜଙ୍ଗଲକୁ ଯାଇ ଫେରୁଥିବାବେଳେ ବନ୍ଧୁକରୁ ଗୁଳି ଫୁଟି ନିଜ ଆଖିରେ ବାଜିଥିଲା। ସେ ସକାଳ ପର୍ଯ୍ୟନ୍ତ ଦିରିବ ଓ ଦାନୁଆ ରାସ୍ତାର ପୋଲ ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟକୁ ପଠାଇଥିଲେ। ବନ୍ଧୁକ ସନ୍ତୋଷ ନିକଟରେ ପଡ଼ିଥିବା ବେଳେ ପରେ ପୁଲିସ ବନ୍ଧୁକ ଉଦ୍ଧାର କରିଥିଲା। ତେବେ ସନ୍ତୋଷର ସ୍ଥିତି ଅତି ଗମ୍ଭୀର ଥିବାରୁ ପ୍ରଥମେ ଆନନ୍ଦପୁର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସନ୍ତୋଷଙ୍କ ବାପାଙ୍କ ଏତଲାକ୍ରମେ ଥାନାଧିକାରିଣୀ ସାବିତ୍ରୀ ଦଳେଇ କେସ ନଂ ୧୩ ଦଫା ୧୦୯ (୧) ବିଏନଏସ ୨୫ ଏବଂ ୨୭ ଆର୍ମସ ଆକ୍ଟ ବଳରେ ମକଦ୍ଦମା ହୋଇଥିଲା। ତେବେ ୯ ତାରିଖ ବିଳମ୍ବିତ ରାତ୍ରିରେ ଚିକିତ୍ସାଧୀନ ଅବସ୍ଥାରେ ସନ୍ତୋଷଙ୍କ ମୃତ୍ୟୁ ହୋଇଯାଇଛି।

# ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ୨ ଛାତ୍ରୀଙ୍କୁ ସ୍ୱର୍ଣ୍ଣ



ବାରିପଦା, ୧୧।୨(ସମିସ): ହରିୟାଣାରେ ଆୟୋଜିତ ଜାତୀୟସ୍ତର ସ୍ୱତନ୍ତ୍ର କ୍ରୀଡ଼ା ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାକୁ ସଫଳତା ମିଳିଛି। ଦୁଇ ଜଣ ଛାତ୍ରୀ ଉନ୍ନତ କ୍ରୀଡ଼ା ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ଜିଣିଛନ୍ତି। ସେମାନେ ହେଲେ ବେତନା ସ୍ଥିତ ମନବିକାଶ ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରୀ ଗୀତାଞ୍ଜଳି ସିଂ(୧୪) ଓ ଜୟସ୍ମିତା ମାର୍ଣ୍ଡି(୧୭)। ହରିୟାଣାର ରୋହତକ ସ୍ଥିତ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟରେ ଫେବୃଆରୀ ୨ରୁ ୬ ତାରିଖ ପର୍ଯ୍ୟନ୍ତ ପଞ୍ଚଦିବସୀୟ ସ୍ୱତନ୍ତ୍ର ଅଲିମ୍ପିକ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମନବିକାଶ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରିନ୍ସିପାଲ ନେତୃତ୍ୱରେ ଉକ୍ତ ଦୁଇ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉନ୍ନତ କ୍ରୀଡା ପ୍ରଦର୍ଶନ କରି ଗୀତାଞ୍ଜଳି ୫୦ମିଟର ଦୌଡ଼ରେ ଓ ଜୟସ୍ମିତା ରିଲେ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ସଫଳତା ପାଇଁ ମନବିକାଶ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରିନ୍ସିପାଲ, ଶିକ୍ଷୟିତ୍ରୀ ଆଦି ଉଭୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କର ଉଜ୍?ଳ ଭବିଷ୍ୟତ କରି ଶୁଭେଚ୍ଛା ଜଣାଇଛନ୍ତି।

## ମଣ୍ଡିରେ କଟ୍‌ନୀଛଟ୍‌ନୀ ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ବିରୋଧ

# ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ବିଜେଡିର ବିକ୍ଷୋଭ







ବାରିପଦା, ୧୧।୨(ସମିସ)

ରାଜ୍ୟରେ ବିଜେପି ସରକାର ଶାସନ ଭାର ଗ୍ରହଣ କରିବା ପରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷୀ ମାରଣନୀତି, ଲଘୁ ଖଣିଜ ପଦାର୍ଥ ବ୍ୟାପକ ଚୋରା ଚାଲାଣ, ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ପରିସ୍ଥିତି ଓ ଧାନ କିଣାରେ ବ୍ୟାପକ ଅନିୟମିତତା ହେଉଛି। ଯାହା ବିରୋଧରେ ମୟୂରଭଞ୍ଜ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ପ୍ରଦର୍ଶନ କରି ବିଜେପି ସରକାର ବିରୋଧରେ ବିଜେଡି ରଣ ହୁଙ୍କାର ଦେଇଛନ୍ତି। ବିଜେପି ସରକାର ରାଜ୍ୟର ଶାସନ ଭାର ଗ୍ରହଣ କରିବା ପରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ନିୟମିତ ଭାବେ ବ୍ୟାପକ ଲଘୁ ଖଣିଜ ଚୋରା ଚାଲାଣ ହେଉଛି। ଏ ବାବଦରେ ବିଜେପି ସରକାର ଜାଣି ମଧ ରୋକିବା ବଦଳରେ ଅଧିକ ଦେଖଣାହାରି ସାଜିଛନ୍ତି। ଦିନକୁ ଦିନ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଶୂନ୍ୟ ରହିଛି। ଏହାସହିତ ଚାଷୀ ମାରଣ ନୀତିରେ ଧାନ ମଣ୍ଡିରେ କଟ୍‌ନୀଛଟ୍‌ନୀ କରି ଧାନ କିଣାରେ ବ୍ୟାପକ ଅନିୟମିତତା ହେଉଛି। ବିଜେପି ସରକାର ଧାନ ମିଲର ମାନଙ୍କ ହାତ ବାରିସି ସାଜିଛନ୍ତି। ଚାଷୀଟି ମଣ୍ଡି ମିଲର ମାନଙ୍କ ଦ୍ୱାରା ସମସ୍ୟାରେ ଧନ୍ଦି ହେଉଥିଲେ ସୁଦ୍ଧା ସମସ୍ୟାର ସମାଧାନ ନେଇ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି।

ସେହିପରି ବାରିପଦା ଓ ଅନ୍ୟାନ୍ୟ ସ୍ଥାନରେ ଥିବା ବହୁ ପୁରାତନ ବସ୍ତିଗୁଡ଼ିକ ଭାଙ୍ଗି ଦିଆଯାଇ ଲୋକମାନଙ୍କୁ ନିରାଶ୍ରୟ କରାଯାଉଛି। ଲୋକେ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନପାଇ ରାସ୍ତା କଡ଼ରେ ପଡ଼ି ରହୁଛନ୍ତି। ଯାହାକି ବିଜେପି ସରକାରକୁ ଦେଖା ଯାଉନାହିଁ। ବିଜେପି ସରକାର ଜିଲ୍ଲା ପ୍ରଶାସନକୁ ହାତବାରିସି କରି ଗରିବ ଲୋକମାନଙ୍କ ଘର ଭାଙ୍ଗି ବାସହୀନ କରିବା ଅତି ନିନ୍ଦନୀୟ ଘଟଣା। ଆଗକୁ ଏଥିରେ ବିରତ ନହେଲେ ବିଜେଡି ପକ୍ଷରୁ ଆନ୍ଦୋଳନ ଆହୁରି ତୀବ୍ରତର କରାଯିବ ବୋଲି ନେତୃମଣ୍ଡଳୀ ଚେତାବନୀ ଦେଇଛନ୍ତି। ହଜାର ହଜାର କର୍ମୀଙ୍କ ଯୋଗଦାନରେ ବିଜେଡିର ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା, କର୍ମୀ ସାମିଲ ହୋଇ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଜନମାରଣ ନୀତି ବିରୁଦ୍ଧରେ ପ୍ରତିବାଦ କରିଥିଲେ। ଆଗାମୀ ଦିନରେ ସମସ୍ୟା ସମାଧାନ ନହେଲେ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଜିଲ୍ଲା ଉପ ସଭାପତି ତଥା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମୟୂରଭଞ୍ଜ-୨ ସଭାପତି ଡା ଦେବାଶିଷ ମାର୍ଣ୍ଡି, ରାଜ୍ୟ ପ୍ରବକ୍ତା ପ୍ରିୟବ୍ରତ ମାଝୀ, କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ରଞ୍ଜିତା ମାର୍ଣ୍ଡି, ଉପ ନଗରପାଳ ସୀମା ଦାସ, ପୂର୍ବତନ ସଭାପତି ଦେବାଶିଷ ମହାନ୍ତି, ପୂର୍ବତନ ଉପ ନଗରପାଳ ଜିତେନ୍ଦ୍ର ମହାନ୍ତି, କାଶୀନାଥ ରଣା, ସମ୍ପାଦକ ଲଲାଟେନ୍ଦୁ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ନରେନ୍ଦ୍ର ହାଁସଦା, ଦୁର୍ଗା ପ୍ରସାଦ ମାର୍ଣ୍ଡି, ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଦୀପ୍ତିମୟୀ ମିଶ୍ର, ବିଜୁ ଯୁବ ଜନତା ଦଳ ସଭାପତି ଅରୁଣ ବରାଡ଼, ବିଜୁ ଛାତ୍ର ଜନତା ଦଳ ସଭାପତି ସୁନୀଲ ନାୟକ, ସମସ୍ତ ୱାର୍ଡ କାଉନସିଲର, ବ୍ଲକ ଅଧକ୍ଷ ପ୍ରମୁଖ ସମେତ ହଜାର ହଜାର ସଂଖ୍ୟକ ମହିଳା ଓ ପୁରୁଷ ମାନେ ସାମିଲ ହୋଇ ବିଜେପି ସରକାରଙ୍କ ବିରୋଧରେ ପ୍ରତିବାଦ ପ୍ରଦର୍ଶନ କରିଥିଲେ।

# ଜୁଏଲାରୀ ଦୋକାନ କାନ୍ଥ ଭାଙ୍ଗି ଚୋରି

ଠାକୁରମୁଣ୍ଡା, ୧୧।୨(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା ବଜାରର ହନୁମାନ ଛକ ନିକଟରେ ଥିବା ଏକ ସୁନା ରୁପା ଗହଣା ଦୋକାନର ପଛପଟ କାନ୍ଥ କାଟି ମଙ୍ଗଳବାର ବିଳମ୍ବିତ ରାତିରେ ସୁନା ଓ ରୁପା ଅଳଙ୍କାର ଚୋରି ହୋଇଛି। ଆନୁମାନିକ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଚୋରି ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇଙ୍କ ନେତୃତ୍ୱରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆନୁମାନିକ ପ୍ରାୟ ୧୦୦ଗ୍ରାମ ସୁନା ଓ ୧୦ କିଲୋ ରୁପା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଠାକୁରମୁଣ୍ଡା ମୁଖ୍ୟ ବଜାର ହନୁମାନ ଛକ ନିକଟରେ ଥିବା ଦୁର୍ଗା ଅଳଙ୍କାର ନାମକ ଦୋକାନରୁ ବିଳମ୍ବିତ ରାତିରେ ଚୋରମାନେ ଦୋକାନ ପଛ କାନ୍ଥକୁ କାଟି ଦୋକାନ ଭିତରେ ପଶିଥିଲେ। ଗ୍ୟାସ କଟର୍ ସାହାଯ୍ୟରେ ଷ୍ଟ୍ରଙ୍ଗ ରୁମ୍‌କୁ କାଟି ସେଠାରେ ଥିବା ସୁନା ରୁପା ଗହଣାକୁ ନେଇ ଚମ୍ପଟ ମାରିଛନ୍ତି। ବ୍ୟବହୃତ ହୋଇଥିବା ଗ୍ୟାସ୍ କଟରକୁ ଚୋରମାନେ ସେଠାରେ ଛାଡ଼ି ପଳାଇଛନ୍ତି। ସକାଳେ ଦୋକାନ ମାଲିକ ଦୋକାନ ଖୋଲିବା ପରେ ଚୋରି ହୋଇଥିବା ଦେଖି ପୁଲିସକୁ ଜଣାଇଥିଲେ। ତେବେ ଆଖପାଖ ସିସି କ୍ୟାମେରା ପୁଲିସ ଯାଞ୍ଚ କରିବା ସହିତ ସାଇଣ୍ଟିଫିକ ଟିମ୍‌କୁ ଡକାଇ ପୁଲିସ ତଦନ୍ତ କରୁଛି।




# ସ୍ୱଦେଶୀ ବିଚାର ବିକଶିତ ଭାରତର ମୂଳଦୁଆ

ବାରିପଦା, ୧୧।୨(ସମିସ): ଭାରତୀୟ ଶିକ୍ଷଣ ମଣ୍ଡଳ, ମୟୂରଭଞ୍ଜର ତୃତୀୟ ବୈଠକ ମୁର୍ଗାବାଡ଼ିସ୍ଥିତ ମୟୂରଭଞ୍ଜ ସିଭିଲ ସର୍ଭିସ ଏକାଡେମୀ ପରିସରରେ ଆୟୋଜିତ ହୋଇଯାଇଛି। ଏଥିରେ ବିକଶିତ ଭାରତ ନିର୍ମାଣ ପାଇଁ ସ୍ୱଦେଶୀ ବିଚାର ମୂଳଦୁଆ ଭାବେ କାର୍ଯ୍ୟ କରିଆସିଛି ଓ କରୁଥିବ ବୋଲି ମତପ୍ରକାଶ ପାଇଥିଲା। ସ୍ୱଦେଶୀ ପ୍ରତି ନିଷ୍ଠା ଭାରତୀୟ ଅର୍ଥନୀତିକୁ ବିଶ୍ୱରେ ସର୍ବଶ୍ରେଷ୍ଠ କରି ଗଢ଼ି ତୋଳିବାରେ ସକ୍ଷମ ହେବ ବୋଲି ଆଲୋଚକମାନେ ଯୁକ୍ତି ଉପସ୍ଥାପନ କରିଥିଲେ। ବୈଠକର ଆବାହକ ପ୍ରଫେସର ଡକ୍ଟର ସରୋଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଙ୍ଘ, ଓଷ୍ଟାର ମୟୂରଭଞ୍ଜ ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପାଳତା, ପୂର୍ବତନ ଗୋଷ୍ଠୀଶିକ୍ଷା ଅଧିକାରୀ ସୁଦର୍ଶନ ପଣ୍ଡା, ପୂର୍ବତନ ମୟୂରଭଞ୍ଜ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ ଅଧାପକ ଜିତେନ୍ଦ୍ର ପାଲ, ବରିଷ୍ଠ ଶିକ୍ଷାବିତ୍ ଅମିତାଭ ମିଶ୍ର, ପ୍ରଦୀପ ଭଞ୍ଜଦେଓ ପ୍ରମୁଖ ଆଲୋଚକ ଭାବେ ଯୋଗଦେଇ ସ୍ୱବକ୍ତବ୍ୟ ଉପସ୍ଥାପନ କରିଥିଲେ। ସର୍ବେନ୍ଦୁ ରାମକୃଷ୍ଣନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




# ୪୨ ଲିଟର ମଦ ଜବତ; ୩ ଗିରଫ

କୁଆମରା ୧୧।୨(ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ଆଜି ବିଭିନ୍ନ ସ୍ଥାନରେ ଚଢାଉ କରି ମୋଟ ୪୨ ଲିଟର ମଦ ଜବତ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଏହି ଥାନା ଅନ୍ତର୍ଗତ ରାଇଡିହି ଗ୍ରାମର ଗୋବିନ୍ଦ ମୁର୍ମୁ (୫୬) ଙ୍କ ଠାରୁ ୧୨ ଲିଟର, ପାଣ୍ଡୁଦାସ ଖୁଣ୍ଟା ଗ୍ରାମର ହରିହର ସୋରେନ (୨୮) ଙ୍କ ଠାରୁ ୧୫ ଲିଟର ଓ ବାହାନଡା ଗ୍ରାମର ମଲ୍ଲ ଟୁଡୁ (୩୫) ଙ୍କ ଠାରୁ ୧୫ ଲିଟର ଦେଶୀ ମଦ ଜବତ ହୋଇଛି। ଅଭିଯୁକ୍ତ ଙ୍କ ବିରୋଧ ରେ ପୃଥକ ମାମଲା ରୁଜୁ ହୋଇଛି। ଏସ୍ ଆଇ କୃଷ୍ଣ ଚନ୍ଦ୍ର ସେଠୀ, ନିରଞ୍ଜନ ମହାନ୍ତ, କିଶୋର ସୋରେନ, ଦୀପାଞ୍ଜଳୀ ଦାସ ପ୍ରମୁଖ ଚଢଉରେ ସାମିଲ ହୋଇଥିଲେ।

# ମହିଳା କର୍ମଚାରୀଙ୍କୁ ନିର୍ଯାତନା ଅଭିଯୋଗ

## ● ଅତିରିକ୍ତ ତହସିଲଦାରଙ୍କ ବିରୋଧରେ ଫେରାଦ

ବାରିପଦା, ୧୧।୨(ସମିସ): ବାଙ୍ଗିରିପୋଷି ଅତିରିକ୍ତ ତହସିଲଦାର ଦାମୋଦର ପ୍ରଧାନଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ହୋଇଛି। କାର୍ଯ୍ୟାଳୟ ଜନୈକ ମହିଳା କର୍ମଚାରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅତିରିକ୍ତ ତହସିଲଦାର ଶ୍ରୀ ପ୍ରଧାନ ଉପରିସ୍ଥ ଅଧିକାରୀ ହୋଇଥିବା ବେଳେ ଏହିପରି ମହିଳା କର୍ମଚାରୀଙ୍କୁ ନିର୍ଯାତନା ଦେଇଛନ୍ତି। ବିଭିନ୍ନ ଆଳ ଦେଖାଇ ନିଜ ଚେମ୍ବରକୁ ଡ଼ାକି ନିର୍ଯ୍ୟାତନା ଦେଉଥିଲେ। ଏମିତିକି ପୀଡ଼ିତା ଅବିବାହିତା ହୋଇଥିବାରୁ ତାଙ୍କୁ କୌଣସି ବନ୍ଧୁ ସହ କୌଣସି ସମ୍ପର୍କ ଅଛି କି ନାହିଁ କହି ହ୍ୱାଟଆପରେ ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ କରନ୍ତି। ନୂତନ ବର୍ଷରେ କାର୍ଯ୍ୟାଳୟ ପକ୍ଷରୁ ପିକ୍‌ନିକ୍‌ରେ ମଦ ପାନ କରି ଜୋର୍ ଜବରଦସ୍ତି ଅସଦାଚରଣ ମଧ କରିଥିଲେ। ଏନେଇ ପୂର୍ବରୁ ବାରମ୍ବାର ବାଙ୍ଗିରିପୋଷି ତହସିଲଦାରଙ୍କୁ ଅଭିଯୋଗ ଆଣି ବିଫଳ ହୋଇଥିଲେ। ନ୍ୟାୟ ଦାବି ଏବଂ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ବାଙ୍ଗିରିପୋଷି ପୁଲିସ ଥାନାରେ ଗତ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ ଜାଣିବା ପରେ ଥାନା ଅଧିକାରୀ ଓ ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକ୍ରମେ ବୁଧବାର ଠାରୁ ପୁଲିସର ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଅତିରିକ୍ତ ତହସିଲଦାରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଉଦଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଉଦଳା, ୧୧।୨(ସମିସ): ଉଦଳା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉଦଳାର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ବିନ୍ଧାଣୀଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଉକ୍ତ ସଭାରେ ପ୍ରମିଳା ପଣ୍ଡା, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ମୁଖ୍ୟ ଅତିଥି, ଦୀପକ କୁମାର ମିଶ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଉଦଳା ସ୍ୱତନ୍ତ୍ର ଅତିଥି, ମିନତୀ ମଞ୍ଜରୀ ପଣ୍ଡା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ, ଉଦଳା ମୁଖ୍ୟ ବକ୍ତା, ଉର୍ମିଳା ୱାର୍ଡ କାଉନସିଲର ୧୦ନମ୍ବର ୱାର୍ଡ, ସନ୍ଧ୍ୟା ରାଣୀ ବାରିକ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଉଦଳା, ସଞ୍ଜୟ କୁମାର, ବସନ୍ତ ପରିଡ଼ା, ପୁରାତନ ଛାତ୍ର ସଂସଦ ସଭାପତି, ଗୌର କିଶୋର ବିନ୍ଧାଣୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଉଦଳା ଏନ୍‌ଏସି ସମ୍ମାନିତ ଅତିଥି ରୂପରେ ସଭାରେ ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା କ୍ରୀଡା ମହୋତ୍ସବରେ ମୋଟ ୩ଟି ବିଭାଗ ର ମୋଟ ୧୫ଗୋଟି କ୍ରୀଡା ପ୍ରତିଯୋଗିତା ରେ ୬୫ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କର ଯାଇଥିଲା। ଶିକ୍ଷୟିତ୍ରୀ ଆଦ୍ୟାଶା ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ସ୍ଥଳେ ଶିକ୍ଷୟିତ୍ରୀକବିତା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସୁଜାତା ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ସବିତା ଦାସ, ବହୁବନ୍ଧ କ୍ଲଷ୍ଟର ମକ୍ସମମ ବୈଶାଖୀ ସାହୁ ସହଯୋଗ କରିଥିଲେ।

# ବଡ଼ସାହି ନିର୍ବାଚନମଣ୍ଡଳୀର ଉନ୍ନୟନ ସମିତି ବୈଠକ

ବାରିପଦା/ବେତନଟୀ, ୧୧।୨(ସମିସ)




ବୁଧବାର ବେତନଟୀ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ମଣ୍ଡଳୀ ଉନ୍ନୟନ ସମିତିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବେତନଟୀ ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିଷାନ, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ କୁମାର ଦାଶ, ବାରିପଦା ପିଏଆଇଟିଡିଏ ପ୍ରଣୟ ରଞ୍ଜନ ବେହେରା, ଏସିଏଫଏସ କେ. ମେହେରବାନ ଅଲ୍ଲୀ, ତହସିଲଦାର ଚନ୍ଦ୍ରଜିତ ବେହେରା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ମିନତୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିବା ବେଳେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ଲକସ୍ତରୀୟ ଅଧିକାରୀମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଉକ୍ତ ବୈଠକରେ ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡ଼ସାହି ଓ ବେତନଟୀ ବ୍ଲକରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଓ ଯୋଜନା ଗୁଡିକର ସ୍ଥିତି, ଅଗ୍ରଗତି ଓ ଉପଲବ୍ଧି ଉପରେ ବିଧାୟକ ସମୀକ୍ଷା କରିଥିଲେ। ମୁଖ୍ୟତଃ ସ୍ୱାସ୍ଥ୍ୟ, ବନ, କୃଷି, ଉଦ୍ୟାନ କୃଷି, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଶିକ୍ଷା, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ମେଗା ଉଠା ଜଳସେଚନ, କୃଷି, ଉଦ୍ୟାନ କୃଷି, ସାଧାରଣ ଯୋଗାଣ, ମାଇନିଂ, ପ୍ରାଣୀ ଚିକିତ୍ସା, ମତ୍ସ୍ୟ, ସ୍ୱାସ୍ଥ୍ୟ, ଆଇନ ଶୃଙ୍ଖଳା, ଶ୍ରମ ବିଭାଗ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଇତ୍ୟାଦି ସମ୍ବନ୍ଧରେ ସମୀକ୍ଷା କରିଥିଲେ। ସେହିପରି ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ବିଦ୍ୟୁତ ଯୋଗାଣ, ଗମନାଗମନ, ଇତ୍ୟାଦି ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରି ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତ୍ୱରିତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ଯଦି କିଛି ପ୍ରତିବନ୍ଧକ ଥାଏ ତେବେ ଏହାର ସମାଧାନ ପାଇଁ ପ୍ରସ୍ତାବ ଦେଲେ ଏଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

ଏତଦ ବ୍ୟତୀତ ବିଭିନ୍ନ ବିଭାଗଗୁଡିକ ପାଇଁ ବିଭିନ୍ନ ସ୍କିମରେ ଜିଲ୍ଲାକୁ ଆସୁଥିବା ବାର୍ଷିକ ସରକାରୀ ପାଣ୍ଠିର ପରିମାଣ ଏବଂ ସମୁଦାୟ ପାଣ୍ଠି ପରିମାଣ ମଧ୍ୟରୁ ବଡ଼ସାହି ଓ ବେତନଟୀ ବ୍ଲକ ପାଇଁ ଉଦିଷ୍ଟ ପରିମାଣ କେତେ ଓ ଏହା କିପରି ବିନିଯୋଗ ହୋଇଛି ତାହାର ସବିଶେଷ ତଥ୍ୟ ପ୍ରଦାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ତହସିଲରୁ ଇସ୍ୟୁ ହେଉଥିବା ବିଭିନ୍ନ ପ୍ରକାର ସାର୍ଟିଫିକେଟ ପାଇବାରେ ଲୋକମାନେ ଯେମିତି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନହୁଅନ୍ତି, ସେଥିପ୍ରତି ତହସିଲଦାର ମାନଙ୍କୁ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ବେତନଟୀ ବିଡିଓ ସୁଶାନ୍ତ କୁମାର ସୁତାର, ବଡ଼ସାହି ବିଡିଓ ବନଜା ଦାସଙ୍କ ତତ୍ୱାବଧାନରେ ଉକ୍ତ ବୈଠକ ପରିଚାଳନା କରାଯାଇଥିଲା ଏବଂ ବୈଠକ ପରିଚାଳନାରେ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ।

# ସମର୍ପଣ ଦିବସ ପାଳିତ



ରାଇରଙ୍ଗପୁର, ୧୧।୨(ସମିସ): ରାଇରଙ୍ଗପୁର ସ୍ଥିତ ପିସିଏମ କଲ୍ୟାଣ ମଣ୍ଡପରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ଅବସରରେ ସମର୍ପଣ ଦିବସ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଇରଙ୍ଗପୁର ବିଧାୟକ ଜୋଲେନ ନାଏକ, ବିଜେପି ବରିଷ୍ଠ ନେତା ନବୀନ ରାମ, ମନୋଜ ଦାସ, ସୁନୀଲ ମହାନ୍ତ ଓ ସୁରଥ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସମସ୍ତ ମଞ୍ଚାସିନ ଅତିଥି ମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହାପରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜୀବନୀ, ବିଚାରଧାରା ଓ ତାଙ୍କ ଆଦର୍ଶ ଉପରେ ଅତିଥି ମାନେ ଆଲୋକପାତ କରିଥିଲେ। ଏହି ଅବସରରେ ଭିବିଜି ରାମ ଜି ଜନ ଜାଗରଣ ସମ୍ମିଳନୀରେ ସଚେତନତା ବିଷୟରେ ମଧ ଆଲୋଚନା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## କଳାକାର ପରିବାରର ସାଧାରଣ ପରିଷଦ ବୈଠକ



ବାରିପଦା,୧୧।୨(ସମିସ): ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାରିପଦା କଳାକାର ପରିବାରର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିବାରର ସଭାପତି ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସମ୍ପାଦକ ଆଗାମୀ ଦିନରେ ପରିବାରର କାର୍ଯ୍ୟସୂଚୀ ଉପରେ ଆଲୋକପାତ କରିଥିଲେ। ସଭ୍ୟ ଦେୟ, ଶିଶୁ ନାଟକ ମହୋତ୍ସବ, ଆଗାମୀ ଜୁନ ମାସରେ ବାରିପଦା କଳାକାର ପରିବାର ଆନୁକୂଲ୍ୟରେ ମୟୂରଭଞ୍ଜର ୫ଟି ନାଟ୍ୟସଂସ୍ଥାକୁ ନେଇ ନାଟକ ମହୋତ୍ସବର ଆୟୋଜନ ଅବସରରେ ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ପାଣ୍ଡୁଲିପି ଦାଖଲ, ୫ ଜଣିଆ ଚୟନ କମିଟି ଗଠନ, ଏପ୍ରିଲ ୧ ତାରିଖରୁ ନୂତନ ସଭ୍ୟ ଗ୍ରହଣ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏହି ସଭାରେ ବରିଷ୍ଠ ଅଭିନେତା କ୍ଷୀରୋଦ ବିହାରୀ ସିଟ, ଚିନ୍ମୟ ଦାସ ପଟ୍ଟନାୟକ, ଅନ୍ନଦା ଶଙ୍କର ଦାଶ, ଡଃ ପ୍ରକାଶ ଚନ୍ଦ୍ର ଦାଶ, ଡଃ କୁମରମଣୀ ନାୟକଙ୍କ ସମେତ ପ୍ରସନ୍ନ ମହାନ୍ତି, ପ୍ରଦୀପ ସରଘରିଆ, ସୋମନାଥ ସିଂହ, ଜ୍ଞାନ ରଞ୍ଜନ ପଣ୍ଡା, ସମରେନ୍ଦ୍ର ବସା, ଡଃ ସତ୍ୟନାରାୟଣ ଦାସ, ଗୁହିରାମ ଜେନା, ସରୋଜ ଶତପଥି, ଜ୍ୟୋତିଶଙ୍କର ପଟ୍ଟନାୟକ, ବ୍ରିଜେନ୍ଦ୍ର କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ କ୍ଷୀରୋଦ ବିହାରୀ ସିଟ ଓ ଡଃ କୁମରମଣି ନାୟକଙ୍କୁ ସମ୍ମାନିତ କରାଯାଇଥିଲା।

### ଆସାମର କ୍ଷତିଗ୍ରସ୍ତ ସାନ୍ତାଳୀ ସମ୍ପ୍ରଦାୟକୁ ନ୍ୟାୟ ଦାବି

## କ୍ଷତିଗ୍ରସ୍ତ ପରିବାରକୁ ୨୫ଲକ୍ଷର ଅନୁକମ୍ପା ରାଶି ମିଳୁ

ବିଶୋଇ,୧୧।୨ (ସମିସ):



ଆସାମର କ୍ଷତିଗ୍ରସ୍ତ ସାନ୍ତାଳୀ ସମ୍ପ୍ରଦାୟକୁ ନ୍ୟାୟ ଦାବିରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର ଦିଆଯାଇଛି। ବିଶୋଇ ପଣ୍ଡିତ ରଘୁନାଥ ମୁର୍ମୁ ପାଠାଗାରରେ ବିଶୋଇ ଅଞ୍ଚଳର ପାରମ୍ପାରିକ ଆଦିବାସୀ ମୁଖିଆ ଓ ଅନ୍ୟ ଗଣ୍ୟମାନ୍ୟ ଆଦିବାସୀ ନେତାମାନେ ମିଳିତ ହୋଇ ବିଶିଷ୍ଟ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ବାବା ତିଲିକା ମାଝୀଙ୍କ ୨୫୬ତମ ଜୟନ୍ତୀ ପାଳନ କରିଥିଲେ। ଏହି ଅବସରରେ ଆସାମରେ ଘଟିଥିବା ସାନ୍ତାଳ ସମ୍ପ୍ରଦାୟର ଘରକୁ ଲୁଟ କରି ପୋଡ଼ି ଦେବା ଘଟଣାର ବିରୋଧ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ ଆସାମ ରାଜ୍ୟ କୋକ୍ରାଝର ଜିଲ୍ଲା କାରିଗାଓଁ ଫାଣ୍ଡି ନିକଟରେ ଗତ ଜାନୁଆରୀ ୧୯ ତାରିଖ ଦିନ ବେପରୁଆ ଭାବେ ଚଳଉଥିବା ଏକ ସ୍କର୍ପିଓ ଗାଡ଼ି ଧକ୍କାରେ ସେହି ଗ୍ରାମର ଚାରିଜଣ ଆହତ ହୋଇ ସେମାନଙ୍କ ମଧ୍ୟରୁ ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଘଟଣାସ୍ଥଳରେ ଲୋକଙ୍କ ଆକ୍ରମଣରେ ଡ୍ରାଇଭରର ମଧ୍ୟ ମୃତ୍ୟୁ ଘଟିଥିଲା। ଏହି ଘଟଣାଦ୍ୱୟ ତାତକ୍ଷଣିକ ଥିଲା ଏଥିରେ କୌଣସି ସାମ୍ପ୍ରଦାୟିକ ଷଡ଼ଯନ୍ତ୍ର ନ ଥିଲା। ମାତ୍ର ତା ପରଦିନ ଆଖପାଖ ଅଞ୍ଚଳର ବୋଡ ସମ୍ପ୍ରଦାୟର ଶହଶହ ଲୋକ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଏଥିରେ ଭୟଭୀତ ସୋଇ କାରଗାଓଁ ଗ୍ରାମର ୨୫ଟି ସାନ୍ତାଳ ପରିବାର ଘରଛାଡି ଜଙ୍ଗଲକୁ ପଳେଇ ଥିଲେ। ବହୁ ସଂଖ୍ୟକ ସଶସ୍ତ୍ର ପୁଲିସ ବାହିନୀ ଉପସ୍ଥିତ ଥିବା ସତ୍ତ୍ୱେ ବୋଡ ଦୁର୍ବୃତ୍ତମାନେ ୨୫ଟି ସାନ୍ତାଳ ପରିବାରର ଧନ ସମ୍ପତ୍ତି, ଗୋରୁ-ଗାଈ , ଛେଳିମେଣ୍ଢା ଲୁଟ କରି ଘର ସବୁକୁ ପୋଡ଼ି ଦେଇଥିଲେ।ଆଦିବାସୀ ନେତାମାନେ ଅଭିଯୋଗ କରିଛନ୍ତି ଯେ ପୂର୍ବରୁ ୧୯୯୬ ମେ ମାସରେ ବୋଡ ସ୍ୱୟଂଶାସିତ ଅଞ୍ଚଳରୁ ସାନ୍ତାଳ ଲୋକମାନଙ୍କୁ ତଡ଼ିବା ଉଦ୍ଦେଶ୍ୟରେ ସୁଚିନ୍ତିତ ଚକ୍ରାନ୍ତ କରାଯାଇ ୮୦ ଜଣ ସାନ୍ତାଳ ଲୋକଙ୍କୁ ବୋଡମାନେ ହତ୍ୟା କରିଥିଲେ ଓ ସେମାନଙ୍କ ଘରଦ୍ୱାର ପୋଡ଼ି ଦେଇଥିଲେ। ଫଳରେ ୪୨,୨୧୪ ପରିବାରର ୩ ଲକ୍ଷ ୧୪ ହଜାର ସାନ୍ତାଳ ଲୋକ ମାସ ମାସ ଧରି ୩୮ଟି ରିଲିଫ ଶିବିରରେ ବହୁ କଷ୍ଟରେ ଜୀବନ ବିତାଇଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ ରାଜ୍ୟର ବିଜେପି ସରକାର ନିର୍ଦ୍ଦେଶରେ ପୁଲିସ ବୋଡ ଲୋକଙ୍କୁ ସାହାଯ୍ୟ କରୁଛନ୍ତି। ସେଥିପାଇଁ କେବଳ ସାନ୍ତାଳ ସମ୍ପ୍ରଦାୟର ୨୦ ଜଣ ଲୋକଙ୍କୁ ଗିରଫ କରି ଲୁଟତରାଜ କରିଥିବା ବୋଡ ଲୋକଙ୍କୁ ଅଦ୍ୟାବଧି ଗିରଫ କରି ନାହାନ୍ତି। ରାଜ୍ୟ ସରକାର କ୍ଷତିଗ୍ରସ୍ତ ନିରୀହ ପରିବାରକୁ କେବଳ ୫୦ ହଜାର ଟଙ୍କାର ସ୍ୱଳ୍ପ ସାହାଯ୍ୟ ଦେଇ ଚୁପ୍ ରହିଛନ୍ତି। ତେଣୁ ରାଷ୍ଟ୍ରପତି ଅନୁକମ୍ପାମୂଳକ ସାହାଯ୍ୟକୁ ଅନ୍ୟୁନ ୨୫ ଲକ୍ଷକୁ ବୃଦ୍ଧି କରିବାକୁ ଦାବି କରିଛନ୍ତି। ବିକ୍ଷୋଭରେ ପ୍ରାକ୍ତନ ସାଂସଦ ଇଂ ରାମଚନ୍ଦ୍ର ହାଁସଦା, ବିଛିନ୍ନାଞ୍ଚଳ ଝାଡ଼ଖଣ୍ଡ ଆଦିବାସୀ ମୂଳବାସୀ ମଞ୍ଚର ସଭାପତି ରାମଚନ୍ଦ୍ର ହେମ୍ବ୍ରମ, ବିଶୋଇ ପିଡ ପାର୍ଗାନା ଦୁର୍ଗା ମୁର୍ମୁ, ସମିତି ସଭ୍ୟ କାଶୁ ମାଝୀ ସମେତ ପ୍ରାୟ ୫୦ଟି ଗ୍ରାମର ମାଝୀ ବାବା ମାନେ ସାମିଲ ହୋଇଥିଲେ।

## ଦିଲ୍ଲୀରେ ହେବ ଅଲ୍‌ଚିକି ଲିପି ଶତବାର୍ଷିକୀ ଉତ୍ସବ

● ଦାଣ୍ଡବୋଷସ୍ଥିତ ଟ୍ରଷ୍ଟ ସଦସ୍ୟଙ୍କୁ ଆମନ୍ତ୍ରଣ

ରାଇରଙ୍ଗପୁର,୧୧।୨(ସମିସ): ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଅଲଚିକି ଲିପିର ଦିଲ୍ଲୀରେ ଶତବାର୍ଷିକୀ ଉତ୍ସବ ପାଳନ ହେବ। ଏ ନେଇ ଦାଣ୍ଡବୋଷ ସ୍ଥିତ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ ଟ୍ରଷ୍ଟର ସଦସ୍ୟଙ୍କୁ ଦିଲ୍ଲୀକୁ ଆମନ୍ତ୍ରଣ କରାଯାଇଛି। ୧୯୨୫ ମସିହାରେ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ପ୍ରଣୀତ ଏହି ଲିପି ସାନ୍ତାଳୀ ଭାଷାର ଲିଖିତ ରୂପ ପାଇଁ ଏକ ଐତିହାସିକ ଅବଦାନ ରହିଛି। ଏହା ଭାରତର ଆଦିବାସୀ ଭାଷା ଓ ସଂସ୍କୃତି ଐତିହ୍ୟକୁ ସମୃଦ୍ଧ କରିଛି। ସାଂସ୍କୃତିକ ଭାବେ ଗଭୀର ଏହି ଲିପି ସାନ୍ତାଳୀ ଭାଷାକୁ ମୌଖିକ ପରମ୍ପରାରୁ ଲିଖିତ ସାହିତ୍ୟ ସଂସ୍କୃତିକୁ ପରିବର୍ତ୍ତନ କରିଛି। ଯାହା ସ୍ୱଷ୍ଟତା, ଧ୍ୱନିଗତ ନିର୍ଭୁଲତା ଏବଂ ସ୍ୱତନ୍ତ୍ର ସାଂସ୍କୃତିକ ପରିଚୟ ପ୍ରଦାନ କରିଛି। ୨୦୨୫ ମସିହାରେ ଏହାକୁ ଶତବର୍ଷ ପୂରଣ ହେଉଛି। ଏହାର ଐତିହାସିକ, ସାହିତ୍ୟିକ ଏବଂ ସାଂସ୍କୃତିକ ଗୁରୁତ୍ୱକୁ ସ୍ୱୀକୃତି ଦେଇ ସଂସ୍କୃତି ବିଭାଗ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରିଛନ୍ତି। ଦେଶ ସମେତ ଅନ୍ତର୍ଜାତୀୟ ସ୍ତରରେ ଶତବାର୍ଷିକୀ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଟ୍ରଷ୍ଟ ପକ୍ଷରୁ ପୂର୍ବରୁ ଦାବି ଉପସ୍ଥାପନ କରାଯାଇଥିଲା। ଯାହାକୁ ନେଇ କେନ୍ଦ୍ରୀୟ ଗୃହ ଓ ସମବାୟ ମନ୍ତ୍ରୀ ତଥା ଜାତୀୟ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଅମିତ ସାହାଙ୍କ ଅନୁମୋଦନ କ୍ରମେ ଦ୍ୱାରା ଫେବୃଆରୀ ୧୬ ତାରିଖରେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ନୂଆଦିଲ୍ଲୀ ସ୍ଥିତ ଡକ୍ଟର ଆମ୍ବେଦକର ଆନ୍ତର୍ଜାତୀୟ କେନ୍ଦ୍ର ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ଜାତୀୟସ୍ତର କାର୍ଯ୍ୟକ୍ରମରେ ଟ୍ରଷ୍ଟ ସଦସ୍ୟ ମାନଙ୍କ ଉପସ୍ଥିତିରେ ନିମନ୍ତ୍ରଣ କରାଯାଇଛି। ଯାହା ଫଳରେ ଜାତୀୟ ଉତ୍ସବକୁ ଆହୁରି ମହତ୍ତ୍ୱପୂର୍ଣ୍ଣ କରିବ। ଏହାସହିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନ ଓ ଅବଦାନକୁ ପ୍ରଦର୍ଶନ କରିବା ପାଇଁ କୌଣସି ମୂଳ ବସ୍ତୁ, ପାଣ୍ଡୁଲିପି, ବ୍ୟକ୍ତିଗତ ସାମଗ୍ରୀ କିମ୍ବା ତାଙ୍କ କାର୍ଯ୍ୟ ସହିତ ଜଡ଼ିତ ଅନ୍ୟାନ୍ୟ ସାମଗ୍ରୀ ପ୍ରଦର୍ଶନ କରିବାକୁ ଟ୍ରଷ୍ଟକୁ ନିବେଦନ କରାଯାଇଛି। ଯାହାକି ସାଧାରଣ ଲୋକଙ୍କୁ ତାଙ୍କ ଜୀବନ ଓ ଯୋଗଦାନ ବିଷୟରେ ଗଭୀର ତଥ୍ୟ ପ୍ରଦାନ କରିବ। ଉକ୍ତ ଐତିହାସିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ ଟ୍ରଷ୍ଟର ସାଧାରଣ ସମ୍ପାଦକ ମଦନ ମୋହନ ସୋରେନଙ୍କୁ କେନ୍ଦ୍ର ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରାଜୀବ କୁମାର ପତ୍ର ଯୋଗେ ସୂଚନା ପ୍ରଦାନ କରିଛନ୍ତି।



## ଉସୁ ଟୁର୍ଣ୍ଣାମେଣ୍ଟରେ ଏମ୍‌ସିଏଏମ୍ ଆନ୍ତଃମହାବିଦ୍ୟାଳୟ ଚାମ୍ପିଅନ

ବାରିପଦା, ୧୧।୨(ସମିସ): ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଆନ୍ତଃମହାବିଦ୍ୟାଳୟ ଉସୁ ଟୁର୍ଣ୍ଣାମେଣ୍ଟରେ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ପୁରୁଷ ଦଳ ଚାମ୍ପିଅନ ହୋଇଛି। ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଆଠଟି ଦଳ ଅଂଶଗ୍ରହଣ କରିଥିଲେ। ହରିରାମ ହେମ୍ବ୍ରମଙ୍କ ନେତୃତ୍ୱରେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ଦଳ ଫାଇନାଲରେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ହରାଇ ଟାଇଟଲ ଜିତିଥିଲା। ଦଳର ସଦସ୍ୟମାନେ ହେଲେ ହରିରାମ ହେମ୍ବ୍ରମ, ସଚିନ୍ଦ୍ର ହାଁସଦାହ ଏବଂ ସଲହାଇ ମାର୍ଣ୍ଡି। ମହିଳା ଦଳରେ ନମିତା ବେହେରା ଏବଂ ଶ୍ରୁତିରେଖା ସିଂହ ଥିଲେ। କାର୍ଯ୍ୟକ୍ରମ ସଂଯୋଜକ ତଥା ସଚିବ ମନୋଜ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ।ଅଧ୍ୟାପକ ତଥା ଖେଳ ଅଧିକାରୀ ରଞ୍ଜିତ କୁମାର ମାର୍ଣ୍ଡି ବିଜୟୀ ଦଳର ମାର୍ଗଦର୍ଶକ ଥିଲେ। ଏହି ଟୁର୍ଣ୍ଣାମେଣ୍ଟ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମାର୍ଶାଲ ଆର୍ଟସ କୌଶଳ ପ୍ରଦର୍ଶନ କରିଥିଲା, ଯେଉଁଥିରେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ଦଳ ଅସାଧାରଣ ପ୍ରଦର୍ଶନ କରି ବିଜୟୀ ହୋଇଥିଲା।

## ବୋରିଂ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଠାକୁରମୁଣ୍ଡା,୧୧।୨(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ୍ ପଡ଼ିଆବେଡ଼ା ଗ୍ରାମ ପଞ୍ଚାୟତ ବୋରିଂ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବପାଳିତ ହୋଇଯାଇଛି। ବାକୋରତଳା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଏଡିଡବ୍ଲୁଓ ଆଇଟିଡିଏ କରଞ୍ଜିଆରୁ ଆଲୋକ ମାଝୀ ଯୋଗଦେଇ ଥିଲାବେଳେ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନଶିକ୍ଷକ ହରେକୃଷ୍ଣ ମହାନ୍ତ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ, ପଡିଆବେଡ଼ା ସରପଞ୍ଚ ଧର୍ମାନନ୍ଦ ନାଏକ, ସିଆରସିସି ଏଟିଏସ ବେଲାଳସେନ, ସମିତି ସଭ୍ୟ ପ୍ରମୋଦ ନାଏକ, ପରିଚାଳନା କମିଟିର ସଭାପତି ପ୍ରଶାନ୍ତ କୁମାର ନାଏକ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ।ସଭା ଆରମ୍ଭରେ ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ମାରାଣ୍ଡି ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଶିକ୍ଷକ ସ୍ମୃତି ରଞ୍ଜନ ସାହୁ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ସୁଦର୍ଶନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଖଣ୍ଡବନ୍ଧ ପଞ୍ଚାୟତର ବାଲିପୋଷି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ କାର୍ଜିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଏବିଇଓ ଦିଲ୍ଲୀପ କୁମାର ଧଳ, ମୁଖ୍ୟ ବକ୍ତା ବାଲିପୋଷି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ରାଉତ, ସମ୍ମାନିତ ଅତିଥି ଠାକୁରମୁଣ୍ଡାର ସିଆରସିସି ଅଲେଖ କୁମାର ପଲେଇ, ଖଣ୍ଡବନ୍ଧ ସିଆରସିସି ତୁଷାରକାନ୍ତ ମହାନ୍ତ,କେନ୍ଦୁଜିଆଣି ସିଆରସିସି ଜୟକୃଷ୍ଣ ମହାନ୍ତ ଯୋଗଦେଇଥିଲେ।ଏହି ଅବସରରେ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ ପୁରସ୍କୃତ ହୋଇଥିଲେ। ସଭା ଶେଷରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଫକୀରପୁରରେ ଗଛ କଟାକୁ ନେଇ ଉତ୍ତେଜନା

ଆନନ୍ଦପୁର, ୧୧।୨ (ସମିସ): ଆନନ୍ଦପୁର ପୌରାଞ୍ଚଳର ଫକୀରପୁର ସର୍ବସାଧାରଣ ରାସ୍ତାରେ ଥିବା ଗଛ କଟାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଏନେଇ କେତେକ ସଚେତନ ଗ୍ରାମବାସୀ ବନବିଭାଗ ଓ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଥିଲେ ମଧ୍ୟ ଏହା ରାଜସ୍ୱ ବିଭାଗ ଦାୟିତ୍ୱ କହି ବନବିଭାଗ ଏହି ପ୍ରସଙ୍ଗକୁ ଏଡ଼ାଇ ଦେଇଛି। ଫକୀରପୁର ହାଇସ୍କୁଲ ସମ୍ମୁଖ ନଦୀଘାଟ ରାସ୍ତାରେ ଥିବା ଓସ୍ତ ଡିମ୍ବିରୀ ଓ ଚାକୁଣ୍ଡା ଗଛକୁ କେତେକ ଦୁର୍ବୃତ୍ତ କାଟି ବିଳମ୍ବିତ ରାତିରେ ଟ୍ରାକ୍ଟର ଯୋଗେ ଅନ୍ୟତ୍ର ନେଇଯାଉଥିବା ବେଳେ ଗ୍ରାମବାସୀଙ୍କଠାରୁ ଖବର ପାଇ ବନବିଭାଗ କର୍ମଚାରୀମାନେ ବୋଝେଇ ହୋଇଥିବା କଟା ଗଛକୁ ଖଲାସ କରି ଟ୍ରାକ୍ଟରକୁ ଛାଡିଦେଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଶ୍ରୀଧର ମଲିକ ଅଭିଯୋଗ କରିଥିଲେ ହେଲେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ଗଛ କଟାଯାଇଥିବା ସ୍ଥାନରୁ ଗଣ୍ଡିଗୁଡିକୁ ତାଡ଼ି ଦେଇ ସେହିସ୍ଥାନରେ କଂକ୍ରିଟ କରିଦେଇ ଘଟଣାକୁ ଚପାଇଦେବାକୁ ଉଦ୍ୟମ ହୋଇଛି। ଏପରି ଗଛ କଟା ଅପରାଧର ତଦନ୍ତ କରାଯିବାକୁ ଶ୍ରୀ ମଲିକ ଦାବି ଜଣାଇଛନ୍ତି।

## କୁଶରଞ୍ଜନ ପଟ୍ଟନାୟକ ଫୁଟ୍‌ବଲ: ବାଲେଶ୍ୱର ବିଜୟୀ

ଆନନ୍ଦପୁର,୧୧।୨ (ସମିସ): ଆନନ୍ଦପୁର ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ କୁଶରଞ୍ଜନ ପଟ୍ଟନାୟକ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନରେ ଶିମିଳିପାଳ ଫୁଟବଲ କ୍ଲବକୁ ୪-୦ ଗୋଲରେ ପରାସ୍ତ କରି ବାଲେଶ୍ୱରର ମିଶନ ଟାଇଗର ବିଜୟୀ ହୋଇଛି। ଆନନ୍ଦପୁର କ୍ରୀଡ଼ାସଂସଦ ସମ୍ପାଦକ ନବରଞ୍ଜନ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ଏସପି ବିକାଶ ଦାଶ ବିଶିଷ୍ଟ ଫୁଟବଲ ଖେଳାଳି ଗୋପବନ୍ଧୁ ସାହୁ ଅମରେନ୍ଦ୍ର ସିଂହ ଅଞ୍ଜନ ପାଲ ଦିନଦୟାଲ ମେଲର ସମ୍ପାଦକ ଶିବଶରଣ ମିଶ୍ର ଯୋଗଦେଇଥିଲେ। ରେଫରୀ ଆଲୋକ ଦେହୁରୀ ଧନେଶ୍ୱର ସର୍ଦ୍ଦାର ଚନ୍ଦନ ସାହୁ ଓ ଗୋଲକି ଜଜ ଭାବେ ବସନ୍ତ ସାହୁ ସଂଜୁ ସିଂହ ଖେଳକୁ ପରିଚାଳନା କରିଥିଲେ। ମଦନ ପାଣିଧାରା ବିବରଣୀରେ ସହଯୋଗ କରିଥିବାବେଳେ ଜାତୀୟଖେଳାଳି ଗଗନ ସିଂହ ଓ ବିନୋଦ ମିଶ୍ର ଶ୍ରେଷ୍ଠ ଖେଳାଳି ଚୟନ କରିଥିଲେ। ଆନନ୍ଦପୁର କ୍ରୀଡା ସଂସଦ ସଦସ୍ୟ ଅକ୍ଷୟ ମହାନ୍ତି ରମେଶ ସିଂହ ଅଜୟ ସେଠୀ ମନରଞ୍ଜନ ସିଂହ ଦେବ ମିଶ୍ର ମୁରଲୀଧର ମିଶ୍ର ବାଇଧର ସେଠୀ ଅଶୋକ ରାଉଳ ଲୁଲୁ ଚାନ୍ଦ ସହଯୋଗ କରିଥିଲେ।

## ମଙ୍ଗଳପୁରରେ ସମର୍ପଣ ଦିବସ

ଆନନ୍ଦପୁର, ୧୧।୨ (ସମିସ): ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ସମର୍ପଣ ଦିବସ ବେଲବାହାଳି ମଣ୍ଡଳରେ ପାଳିତ ହୋଇଯାଇଛି। ନାରୀନେତ୍ରୀ ସତ୍ୟଭାମା ଖୁଣ୍ଟିଆଙ୍କ ନେତୃତ୍ୱରେ ୩୦୦ରୁ ଉର୍ଦ୍ଧ୍ୱ ଲୋକଆଜିର ଏହି ସଭାରେ ଯୋଗ ଦେଇଥିଲେ। ଆନନ୍ଦପୁର ନିର୍ବାଚନମଣ୍ଡଳୀର ନେତା ଆଲୋକ ସେଠୀ, ଘସିପୁରା ନିର୍ବାଚନମଣ୍ଡଳୀର ନେତା ଡ଼ ଶମ୍ଭୁନାଥ ରାଉତ, ଆନନ୍ଦପୁର ବ୍ଲକ ବିଜେପିର ବରିଷ୍ଠ ନେତା ଅନାଦି ଚରଣ ସାହୁ, ଚିତ୍ତରଞ୍ଜନ ଜେନା, ବେଲବାହାଳି ସରପଞ୍ଚ ଦୀପ୍ତି ସାହୁ, ବେଲବାହାଳି ସମିତିସଭ୍ୟା ନିରୁପମା ନାହାକ ଓ ଅନ୍ୟ ପ୍ରମୁଖ ନେତୃମଣ୍ଡଳୀ ସାମିଲ ହୋଇଥିଲେ। ସତ୍ୟଭାମା ଖୁଣ୍ଟିଆ ତ୍ରୈଲୋଚନ ବାରିକ ପୁରୁଷୋତ୍ତମ ବେହେରା ପ୍ରମୋଦ ଜେନା ସନାତନ ଜେନା ରାଜେନ୍ଦ୍ର ସ୍ୱାଇଁ ଭୀମସେନ ସାହୁ ମନୋରମା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର

କେନ୍ଦୁଝର,୧୧।୨(ସମିସ): କେନ୍ଦୁଝର ସଦର ବ୍ଲକ ନୂଆଗାଁ ପଞ୍ଚାୟତ କେନ୍ଦୁପଶି ଗ୍ରାମରେ ଟାଟା ପାୱାର ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଆରୋଗ୍ୟ ସିଏସଆର ମୁଖ୍ୟ ଶିବ ମୁଖିଙ୍କ ନେତୃତ୍ୱରେ ଡା ପ୍ରିୟରଞ୍ଜନ ପାଣିଗ୍ରାହୀ, ଫାର୍ମାଶିଷ୍ଟ ସତ୍ୟବ୍ରତ ସାହୁଙ୍କ ସଂଯୋଜନାରେ ଏଏନ୍‌ଏମ୍ ଲକ୍ଷ୍ମୀପ୍ରିୟା ଜେନା, ଗାଡି ଚାଳକ ଚିନ୍ମୟ ଗିରି ସାମିଲ ହୋଇ ୩୦ରୁ ଉର୍ଦ୍ଧ୍ୱ ଜଣ ରୋଗୀଙ୍କ ବିଭିନ୍ନ ପରୀକ୍ଷା କରିବା ସହିତ ମାଗଣାରେ ଔଷଧ ବଣ୍ଟନ କରିଥିଲେ। କେନ୍ଦୁପଶି ଗ୍ରାମର ୱାର୍ଡ ମେମ୍ବର ଦୁର୍ଯ୍ୟୋଧନ ପାତ୍ର ସହଯୋଗ କରିଥିଲେ।

## ମୋରମ୍ ଚାଲାଣକୁ ନେଇ ଉତ୍ତେଜନା



ଆନନ୍ଦପୁର,୧୧।୨(ସମିସ): ଆନନ୍ଦପୁର ପୌରାଞ୍ଚଳର ଘସିପୁରା ବଣମୁଣ୍ଡ ସାହିରୁ ଦିନରାତି ମୋରମ ଚାଲାଣ ଯୋଗୁଁ ପ୍ରାୟ ୨ କୋଟି ଟଙ୍କାରେ ନିର୍ମାଣାଧୀନ ରାସ୍ତାକାର୍ଯ୍ୟ ନଷ୍ଟ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ଏହାକୁ ବିରୋଧ କରି ଅଞ୍ଚଳବାସୀ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଭାରୀ ଯାନ ଚଳାଚଳକୁ ବିରୋଧ କରିଛନ୍ତି। ଆନନ୍ଦପୁର ବ୍ୟାରେଜ୍ ଦକ୍ଷିଣ ପାର୍ଶ୍ୱ କେନାଲ ନିର୍ମାଣ ଗତ ଦୁଇବର୍ଷ ହେଲା ବନ୍ଦ ରହିଥିବାବେଳେ ଏଠାରେ ପୁର୍ବରୁ ଖନନ ହୋଇଥିବା ମୋରମ ଗଚ୍ଛିତ ରହିଛି। ଗତ ଗୁରୁବାର ଜାତୀୟ ରାଜପଥ ନିର୍ମାଣ କରୁଥିବା ଠିକାସଂସ୍ଥା ଚାରିଟି ହାଇୱାରେ ମୋରମ ନେବାକୁ ଉଦ୍ୟମ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଘସିପୁରାରୁ କଇନିପୁରା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ଶେଷ ହୋଇ ନଥିବାବେଳେ ଏହି ରାସ୍ତାରେ ଭାରିଯାନ ଚଳାଚଳକୁ ଲୋକମାନେ ବିରୋଧ କରିଥିଲେ। ଲୋକମାନଙ୍କ ବିରୋଧ ଦେଖି ମୋରମ ବୋଝେଇ ହାଇୱାକୁ ଅନ୍ୟ ରାସ୍ତାରେ ନେଇ କର୍ମଚାରୀମାନେ ପଳାଇଥିଲେ।

## ଖୁଣ୍ଟାପଡ଼ା ପୂର୍ବତନ ସରପଞ୍ଚଙ୍କ ବିୟୋଗ

ତୁରୁମୁଙ୍ଗା, ୧୧।୨(ସମିସ): ସାହାରପଡ଼ା ବ୍ଲକ ଗଣ୍ଡବେଡ଼ା ଗ୍ରାମର କମଳାକାନ୍ତ ରଣ ସିଂଙ୍କ ବୁଧବାର ୮୪ ବର୍ଷ ବୟସରେ ଦେହାନ୍ତ ଘଟିଛି। ସେ ଖୁଣ୍ଟାପଡା ପଞ୍ଚାୟତର ୩ ଥର ସରପଞ୍ଚ ରହିଥିବ।



ବେଳେ ବାଥୁଡ଼ି ସମ୍ପ୍ରଦାୟରର ଜଣେ ଆଗଧାଡ଼ି ନେତା ଥିଲେ। ଏହାସହ ଅନେକ ଚାଙ୍ଗୁ ଗୀତର ରଚୟିତା ଥିଲେ। ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର ସଂପନ୍ନ କରାଯାଇଛି। କମଳାଙ୍କ ପୁତ୍ରରା ତୋଫାନ ଚାନ୍ଦ ରଣ ସିଂ ମୁଖାଗ୍ନି ଦେଇଥିଲେ। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ପୂର୍ବତନ ସାହାରପଡା ବ୍ଲକ୍ ଅଧ୍ୟକ୍ଷ ଗୌତମ ନାଏକ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ରାଧାକାନ୍ତ ମହାନ୍ତ, ବାଇକଳା ସରପଞ୍ଚ ହରିହର ନାଏକ, ପାଟଣା ବିଧାୟକଙ୍କ ସାହାରପଡ଼ା ବ୍ଲକ ପ୍ରତିନିଧି ନରେନ୍ଦ୍ର କୁମାର ମହାନ୍ତ, ଉଦୟପୁର ପୂର୍ବତନ ସରପଞ୍ଚ ସତ୍ୟନାରାୟଣ ନାଏକଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ବରିଷ୍ଠ ନେତା ତଥା କଂଗ୍ରେସର ବାଥୁଡି ନେତା ଇଂ ବିନୋଦ ବିହାରୀ ନାଏକ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ସ୍କୁଲ ସ୍ମୃତି ସାଉଁଟିଲେ ପୁରାତନ ଛାତ୍ରଛାତ୍ରୀ



ଚମ୍ପୁଆ, ୧୧।୨(ସମିସ): ଚମ୍ପୁଆ ମହତାବ୍ ଉଚ୍ଚବିଦ୍ୟାଳୟର ୨୦୦୮ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଚମ୍ପୁଆସ୍ଥିତ ରାମତୀର୍ଥଠାରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସ୍ୱାବଲମ୍ବନ ମହାନ୍ତ ଓ ଅମର ରାଠୋରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୪୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଉଚ୍ଚ ବିଦ୍ୟାଳୟର ଗାରିମା ବୃଦ୍ଧି କରିବା ପାଇଁ ସଙ୍ଗଠିତ ଭାବେ ମିଳିତ ସହଯୋଗରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଦିନେଶ ମିଶ୍ର, ପ୍ରାଚୀପ୍ରଭା ମିଶ୍ର, ସାନ୍ତନୁ ପ୍ରଧାନ, ରାକେଶ ବେହେରା, ଶଙ୍କରା ପ୍ରଧାନ, ସଞ୍ଜୟ ଆପଟ୍, ବିଜୟ ନାୟକ, ଯଶୋବନ୍ତ ଓରାମ୍, ଆଦିତ୍ୟ ଦାସ, ବାସୁଦେବ ବାରିକ, ଲକ୍ଷ୍ମୀପ୍ରିୟା ମହାକୁଡ, ହୃଦାନନ୍ଦ ନାୟକ, ପବନ କଂସାରି, ଭୀଷ୍ମ ନାୟକ, ମାନସୀ ପ୍ରଧାନ, ସମରେନ୍ଦ୍ର ମହାନ୍ତ, ବର୍ଷା ସ୍ରୋତସ୍ୱିନୀ ନାୟକ, ଗଜେନ୍ଦ୍ର ରାମ, ପବିତ୍ର ମହାନ୍ତ, ମହମ୍ମଦ ଅନୱର, ଗୋବିନ୍ଦ ବାନାରା, ହରପ୍ରିୟା ଜେନା, ଧରିତ୍ରୀ ଜେନା, ଚନ୍ଦନ ମହାନ୍ତ, ନଳିନୀ ସାହୁ ପରିଚାଳନା କରିଥିଲେ।

## ଆନନ୍ଦପୁର କଲେଜ ପ୍ରାଣୀ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ

ଆନନ୍ଦପୁର, ୧୧।୨ (ସମିସ):



ଆନନ୍ଦପୁର ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ପ୍ରାଣୀବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବକୁ ଅଧ୍ୟକ୍ଷ ଡକ୍ଟର ନାରାୟଣ ମିଶ୍ର ମୁଖ୍ୟଅତିଥି ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡକ୍ଟର ନିମାଇଁ ଚରଣ ରାଉତ, ଡକ୍ଟର ଶକ୍ତିପ୍ରସାଦ ମହାପାତ୍ର, ପ୍ରଫୁଲ୍ଲ କୁମାର ପଣ୍ଡା, ଭାରତୀ ସାହୁ, ଓଜେଲ୍ ପଟ୍ଟନାୟକ, ପୂର୍ଣ୍ଣନନ୍ଦ ପାର୍ଥସାରଥୀ ଶଙ୍ଖୁଆ, ମମତା ମିଶ୍ର, ତନୁଶ୍ରୀ ପଣ୍ଡା ଯୋଗ ଦେଇଥିଲେ। ବିଭାଗର ମୁଖ୍ୟ ଅଧ୍ୟାପିକା ଅନିତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରୀତି ପାଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦିକା ଏଲିନା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବୁଲେଟିନ ଜୁନକୁ ମୁଖ୍ୟଅତିଥି ଉନ୍‌ମୋଚନ କରି ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପିକା ସଂଘମିତ୍ରା ରାଉତ, ମଧୁସ୍ମିତା ସାହୁ, ଆରତୀ ଲୁଗୁନ୍ ମିତାଶ୍ରୀ ବେହେରା, ସବିନା ଆର ବେଗମ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

